ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୯ ● ୫ ମାର୍ଚ୍ଚ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-39 ● 5th March 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24


## ଭାରତ-ପାକିସ୍ତାନ ମ୍ୟାଚ୍ : ୧.୮୬ କୋଟିରେ ପହଞ୍ଚିଲା ଟିକେଟ୍ ମୂଲ୍ୟ





DSPL-782

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର





୫ ମାର୍ଚ୍ଚ ୨୦୨୪

ପଞ୍ଚାୟତିରାଜ ତଥା ଲୋକସେବା ଦିବସ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ତମ ଜନ୍ମବାର୍ଷିକୀ

ସଶକ୍ତ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ

ସୁଦୃଢ଼ ଓଡ଼ିଶା ନିର୍ମାଣ

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବାଲସଭା ଓ ମହିଳାସଭା ସମ୍ପର୍କିତ ମାର୍ଗଦର୍ଶିକା ଉନ୍ମୋଚନ ।
- ପଞ୍ଚାୟତ ପ୍ରକଳ୍ପ ପରିଚାଳନା ବ୍ୟବସ୍ଥାର (Panchayat Project Management System) ସୁବନ୍ଦୋବସ୍ତ ପାଇଁ ଏକ ସଫ୍ଟୱେର (Software) ପ୍ରଥମ ଥର ପାଇଁ ଭୁବନେଶ୍ୱର ବ୍ଲକ୍‌ରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ ଏବଂ ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବ ।
- ପଞ୍ଚାୟତିରାଜ ଦିବସରେ ୧୨ ଗୋଟି ଗ୍ରାମ ପଞ୍ଚାୟତକୁ ISO ପ୍ରମାଣପତ୍ର ଆବଣ୍ଟନ କରିବା ପାଇଁ LMS & Universal Certification Agency ସମ୍ମତି ଜଣାଇଛନ୍ତି ।
- ଇ-ପଞ୍ଚାୟତ ସଭା ମୋବାଇଲ୍ ଆପ୍ ଲୋକାର୍ପଣ । ଏହା ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତର ମାସିକ ପଞ୍ଚାୟତ ସଭା ଓ ସମ୍ପର୍କିତ ବିବରଣୀ ହିତାଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବ ।
- ତାଲିମ ପରିଚାଳନା ପୋର୍ଟାଲ ଲୋକାର୍ପଣ । ଏହି ପୋର୍ଟାଲ ଦ୍ୱାରା ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ପାଇଁ ସମସ୍ତ ତଥ୍ୟ ଅତି ସଂକ୍ଷେପରେ ଉପଲବ୍ଧ ହେବ ।
- ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସରରେ ଆବାସିକ ଛାତ୍ରାବାସ ଓ ଭୋଜନ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ ।
- ପ୍ରଶାସନିକ ଗୃହ, ଓରମାସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ (ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସର ମଧ୍ୟରେ) ।
- ମାଲକାନଗିରି, ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପରିଷଦକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯିବ ।
- ମାଲକାନଗିରି ଜିଲ୍ଲାର ପଡିଆ, ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ଓ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ପଞ୍ଚାୟତ ସମିତିକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯିବ ।
- ସାମଗ୍ରିକ ପ୍ରଦର୍ଶନ ପାଇଁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ମାଥିଲି ପଞ୍ଚାୟତକୁ ପ୍ରଥମ, ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ୍‌ର ମହୁପଦର ପଞ୍ଚାୟତକୁ ଦ୍ୱିତୀୟ ଓ ମୟୁରଭଞ୍ଜ ଜିଲ୍ଲା ବଡସାହି ବ୍ଲକ୍‌ର ମାଣିତ୍ରୀ ପଞ୍ଚାୟତକୁ ତୃତୀୟ ଭାବେ ସମ୍ମାନିତ କରାଯିବ ।






ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR : 19001/13/0093/2324

ରଣଜୀ ଟ୍ରଫି : ରେକର୍ଡ ୪୮ତମ ଫାଇନାଲରେ ମୁମ୍ବାଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 12 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୯ ● ୫ ମାର୍ଚ୍ଚ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-39 ● 5th March 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24



ସତ୍ୟମେବ ଜୟତେ
ଭାରତ ସରକାର

# ବିକଶିତ ଭାରତ, ବିକଶିତ ଓଡ଼ିଶା

# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି



## ଓଡ଼ିଶା ପାଇଁ ୨୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିବିଧ ବିକାଶୋନ୍ମୁଖୀ ପ୍ରକଳ୍ପର ଉପହାର

### ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ

- ବାଂଶପାଣି-ଦୈତାରୀ-ଟମ୍‌କା-ଯଖପୁରା ରେଳ ଲାଇନ୍ (୧୬୨ କିମି)
- ୧୦୪.୧୭୬ କିମି ପାଇଁ ୪୯ନଂ ଜାତୀୟ ରାଜପଥର ସିଙ୍ଗଡ଼ା-ବିଞ୍ଝାବାହାଲ ସେକ୍ସନ ୪ ଲେନ୍
- ୭୮.୩୧୮ କିମି ପାଇଁ ୪୯ନଂ ଜାତୀୟ ରାଜପଥର ବିଞ୍ଝାବାହାଲ-ତିଲେଇବଣୀ ସେକ୍ସନ ଯାଏ ୪ ଲେନ୍
- ୫୬.୭୮ କିମି ପାଇଁ ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ଯାଏ ୬ ଲେନ୍
- ୮୧.୨୬ କିମି ପାଇଁ ୧୮ନଂ ଜାତୀୟ ରାଜପଥର ବାଲେଶ୍ୱର-ଝାରପୋଖରିଆ ସେକ୍ସନ ଯାଏ ୪ ଲେନ୍
- ଖୋର୍ଦ୍ଧା ରୋଡ୍-ବାରଙ୍ଗର ତୃତୀୟ ରେଳ ଲାଇନ୍ (୩୨.୩୪କିମି)
- ଗଞ୍ଜାମରେ ଦିନକୁ ୫୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ସମୁଦ୍ର ଜଳରୁ ଲବଣ ଅପସାରଣ ପ୍ଲାଣ୍ଟ

### ଶିଳାନ୍ୟାସ

- ୭୭ କିମି ପାଇଁ ୫୩ନଂ ଜାତୀୟ ରାଜପଥର ଚଣ୍ଡିଖୋଲ-ପାରାଦୀପ ସେକ୍ସନ ଯାଏ ୮ ଲେନ୍
- ୨୦ନଂ ଜାତୀୟ ରାଜପଥର ୦ରୁ ୩୫.୮୦୦ କିମି ୪ଏଲ୍+ପିଏସ୍ /୨ଏଲ୍+ ପିଏସ୍ (କୁଆଖିଆ- ମଙ୍ଗଳପୁର ସେକ୍ସନ)
- ନର୍ଲାଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡିକାଲ ଓଭରହୋଲିଙ୍ଗ ୱାର୍କସପ୍
- କଣ୍ଟାବାଞ୍ଜିରେ ୱାଗନ୍ ପିରିଓଡିକାଲ୍ ଓଭରହୋଲିଙ୍ଗ ୱାର୍କସପ୍
- ବାଘୁଆପାଳରେ ୱାଗନ ରକ୍ଷାଣବେକ୍ଷଣ ସୁବିଧାକେନ୍ଦ୍ର

### ଉଦ୍‌ଘାଟନ

- ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ପାରାଦୀପ ବିଶୋଧନାଗାରରେ ମୋନୋ ଇଥିଲିନ୍ ଗ୍ଲାଇକୋଲ୍(ଏମ୍‌ଇଜି) ପ୍ରକଳ୍ପ
- ଇଣ୍ଡିଆନ୍ ଅଏଲ୍‌ର ପାରାଦୀପ-ସୋମନାଥପୁର-ଦଳଦିଆ ପ୍ରକଳ୍ପ ପାଇପ୍‌ଲାଇନ୍
- ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ଏଲପିଜି ଆମଦାନୀ ଟର୍ମିନାଲ୍
- କଳିଙ୍ଗ ନଗର ଅଞ୍ଚଳରେ କୋନ୍‌କୋର୍ କଣ୍ଟେନର୍ ଡିପୋଟ୍

### ଶୁଭାରମ୍ଭ

- କେନ୍ଦୁଝରଗଡ଼ ଷ୍ଟେସନରୁ ପୁରୀ-ଆନନ୍ଦବିହାର ଟର୍ମିନାଲ୍ ମଧ୍ୟରେ ନୂଆ ଟ୍ରେନ୍
- ପାରାଦୀପ ଷ୍ଟେସନରୁ ପାରାଦୀପ-କେନ୍ଦୁଝରଗଡ଼ ମଧ୍ୟରେ ନୂଆ ଟ୍ରେନ୍
- ଏମ୍‌ଏମ୍‌ଏଲ୍‌ପି ଯାଜପୁର, ଓଡ଼ିଶାରୁ ଆଇସିଡି ଦାଦରୀ, ଉତ୍ତରପ୍ରଦେଶରୁ କଣ୍ଟେନର୍ ଟ୍ରେନ୍

### ପ୍ରକଳ୍ପର ଲାଭ

- ଆତ୍ମନିର୍ଭରତା ଏବଂ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବନ ଦିଗରେ ମହତ୍ୱପୂର୍ଣ୍ଣ ପଦକ୍ଷେପ
- ୬୦ ଲକ୍ଷ ଶ୍ରମଦିବସର ନିଯୁକ୍ତି ସୃଷ୍ଟି
- ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ମଧ୍ୟରେ ଉନ୍ନତ ଯୋଗାଯୋଗ
- କ୍ଷେତ୍ରୀୟ ବ୍ୟବସାୟ ଏବଂ ଔଦ୍ୟୋଗିକ ଅଭିବୃଦ୍ଧି ନିମନ୍ତେ ଉତ୍ତମ ରେଳ ଯୋଗାଯୋଗ
- ପାରାଦୀପ ବନ୍ଦରକୁ ଉନ୍ନତ ଯୋଗାଯୋଗ

## ଶ୍ରୀ ନରେନ୍ଦ୍ର ମୋଦୀ

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ କରକମଳରେ

ଗରିମାମୟ ଉପସ୍ଥିତି

**ଶ୍ରୀଯୁକ୍ତ ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

**ଶ୍ରୀଯୁକ୍ତ ବିଶ୍ୱେଶ୍ୱର ଟୁଡୁ**
ଜନଜାତୀୟ କାର୍ଯ୍ୟ ଏବଂ ଜଳଶକ୍ତି ରାଜ୍ୟ ମନ୍ତ୍ରୀ

ଚଣ୍ଡୀଖୋଲ, ଓଡ଼ିଶା, ମଙ୍ଗଳବାର, ୫ ମାର୍ଚ୍ଚ, ୨୦୨୪, ଅପରାହ୍ନ ୦୩:୧୫ ଘଟିକା









DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ

ଫକୀରମୋହନ ବିଶ୍ୱବିଦ୍ୟାଳୟରେ
ଗ୍ରାମୀଣ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

**The Sambad Kalika**

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
12 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୯ ● ୫ ମାର୍ଚ୍ଚ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-39 ● 5th March 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24

ଓଡ଼ିଶା ଶାସନ
ଆମ ଓଡ଼ିଶା ନବୀନ ଓଡ଼ିଶା

DSPL-788



## ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼
## ସ୍ୱପ୍ନକୁ ମିଳିବ ସ୍ୱାଧୀନତା




## ପ୍ରସ୍ତୁତ ଭବିଷ୍ୟତ ପାଇଁ, ପ୍ରସ୍ତୁତ ନବୀନ ଓଡ଼ିଶା ଗଠନ ପାଇଁ

ଓଡ଼ିଶାର ଛାତ୍ରଛାତ୍ରୀଙ୍କ ବିକାଶରେ ଏକ ଅଗ୍ରଣୀ ପଦକ୍ଷେପ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼'। ୧୫ ଅଗଷ୍ଟ, ୨୦୨୪ରେ ଆରମ୍ଭ ହେବାକୁ ଯାଉଥିବା ଏହି କାର୍ଡ଼ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରି ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ।

## ଶିକ୍ଷା ଓ ସମୃଦ୍ଧିର ଏକ ସମ୍ଭାବନାପୂର୍ଣ୍ଣ ଭବିଷ୍ୟତ

ସୁଗମ ଯାତାୟାତ | ଡିଜିଟାଲ ସଂଯୋଗୀକରଣ | ଦକ୍ଷତା ବିକାଶ | ବିଶେଷ ସୁବିଧା ସୁଯୋଗ

ଆପଣଙ୍କ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼' ପାଇଁ
**www.magiccard.odisha.gov.in ରେ ପଞ୍ଜୀକରଣ କରନ୍ତୁ**

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR : 15001/13/0648/2324

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବିକଶିତ ଭାରତ ନକ୍ସା ପାଇଁ ମାନସମନ୍ଥନ

ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସରକାର ଏବେଠାରୁ କାମ ଆରମ୍ଭ କରିଦେଇଛନ୍ତି । ଚଳିତ ବର୍ଷ ଲୋକସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଅଳ୍ପ କିଛି ଦିନ ପରେ ଆଚରଣବିଧି ଲାଗୁ ହେବାର ସମ୍ଭାବନା ରହିଛି । ତା'ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ତ୍ରୀମଣ୍ଡଳର ମନ୍ତ୍ରୀମାନଙ୍କ ସହ ବିକଶିତ ଭାରତ ନକ୍ସା ନେଇ ଆଲୋଚନା କରିଛନ୍ତି । ମନ୍ତ୍ରୀମାନେ ଯେଉଁ ଚିନ୍ତାଧାରା ଉପସ୍ଥାପନ କରିଥିଲେ ତାହାକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା । ନୂଆ ସରକାର ଗଠନ ହେବାର ୧୦୦ ଦିନ ଭିତରେ ଯେଉଁ ସବୁ କାର୍ଯ୍ୟକ୍ରମଗୁଡ଼ିକ ଲାଗୁ କରାଯିବ ତାହାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା ।

ବିକଶିତ ଭାରତ ନକ୍ସା ଲାଗି ଦୁଇ ବର୍ଷ ଧରି ପ୍ରସ୍ତୁତି ଚାଲିଥିଲା । ସେଥିରେ ବିଭିନ୍ନ ମନ୍ତ୍ରଣାଳୟ ସାମିଲ ଥିଲେ । ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ ସଂଘ, ନାଗରିକ ସମାଜ ସହ ବି ବ୍ୟାପକ ଆଲୋଚନା ହୋଇଥିଲା । ବୈଜ୍ଞାନିକ ସଂଗଠନ ଓ ଯୁବବର୍ଗଙ୍କଠାରୁ ଅଭିନବ ଚିନ୍ତାଧାରା, ପରାମର୍ଶ ଓ ଇନ୍‌ପୁଟ୍ ସଂଗ୍ରହ କରାଯାଇଥିଲା । ବିଭିନ୍ନ ପର୍ଯ୍ୟାୟରେ ୨୭୦୦ରୁ ଅଧିକ ବୈଠକ ଆୟୋଜନ କରାଯାଇଥିଲା । ଯୁବବର୍ଗଙ୍କଠାରୁ ୨୦ ଲକ୍ଷରୁ ଅଧିକ ମତାମତ ସଂଗ୍ରହ କରାଯାଇଛି । ବିକଶିତ ଭାରତ ନକ୍ସାରେ ଅର୍ଥନୈତିକ ଅଭିବୃଦ୍ଧି, ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି), ସହଜ ବ୍ୟବସାୟ ବାତାବରଣ, ଉନ୍ନତ ଜୀବନଯାପନ, ଭିତ୍ତିଭୂମି ଓ ସାମାଜିକ କଲ୍ୟାଣର ପ୍ରତିଫଳନ ଦେଖିବାକୁ ମିଳିବ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବୁ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତି
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ୱ ସମର୍ପିସ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତ ରଖି
ଦେଉଛି ଆହେ ନନ୍ଦବସି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# "ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୭)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବ ଥର ଇତିହାସକୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ମନୁଷ୍ୟର ଧୂମକେତୁ ବିଷୟରେ କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ପାଇଥିଲେ । ପ୍ରଥମେ ଆଲେଖ୍ୟରେ ଆରମ୍ଭ କରିଥିଲୁ ପୁରାତନ ଗ୍ରୀକ୍ ସଭ୍ୟତାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ । ତା ପରେ ଆଜି ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ହେବା ପରେ ଧୂମକେତୁକୁ କିପରି ଭାବେ ବର୍ଣ୍ଣନା କରାଗଲା ସେ ବିଷୟରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରିବା ।

ଧୂମକେତୁ ପଶ୍ଚିମ (କମେଟ ୱେଷ୍ଟ) : ଫେବୃଆରୀ ଏବଂ ମାର୍ଚ୍ଚ ୧୯୭୬ ରେ ସକାଳ ଆକାଶରେ ଏହି ଧୂମକେତୁର ଏକ ଚମତ୍କାର ଦୃଶ୍ୟ ସମସ୍ତେ ଦେଖିଥିଲେ । ବିଂଶ ଶତାବ୍ଦୀରେ ଧୂମକେତୁ ବିଜ୍ଞାନରେ ଅଗ୍ରଗତି ଦେଖାଗଲା । ସ୍ପେକ୍ଟ୍ରୋସ୍କୋପି ଧୂମକେତୁର ଶରୀର ଏବଂ ଲାଞ୍ଜରେ ଥିବା ଅଣୁପରମାଣୁ ବିଷୟରେ ତଥ୍ୟ ପ୍ରକାଶ କରିଥିଲା । ଅଣୁଗୁଡ଼ିକର କୌଣସି ପ୍ରକାରର "କର୍ପୁସ୍କୁଲାର ବିକିରଣ" ସହିତ ସମ୍ଭବତ ସୂର୍ଯ୍ୟ ଏବଂ ଧୂଳି (ପ୍ରକାର) ସହିତ ଆୟନାଇଜଡ୍ ଅଣୁଗୁଡ଼ିକର ପାରସ୍ପରିକ କ୍ରିୟା ଓ ଧୂମକେତୁ ରୁ ନିର୍ଗତ ସୂକ୍ଷ୍ମ ଧୂଳି କଣିକା ଉପରେ ସୌର ବିକିରଣ ଦ୍ୱାରା ଚାପ ଯୋଗୁଁ ଲାଞ୍ଜର ପ୍ରକୃତିବିଷୟରେ ଏକ ଭାବନା ଶକ୍ତି ବିକଶିତ ହେବାକୁ ଲାଗିଲା ।

ଜ୍ୟୋତିର୍ବିଜ୍ଞାନୀମାନେ ପଚାରିବାରେ ଲାଗିଲେ, "ଧୂମକେତୁ କେଉଁଠୁ ଆସେ ?" । ଏ ବିଷୟରେ ତିନୋଟି ଚିନ୍ତାଧାରାର ଥିଲା: (୧) ଯେ ତାରା ଓ ନକ୍ଷତ୍ର ମାନଙ୍କ ମଧ୍ୟରେ ଥିବା ଖାଲି ସ୍ଥାନରୁ ଧୂମକେତୁର ଉତ୍ପତ୍ତି (୨) ବୃହତ୍ ଗ୍ରହରୁ ଧୂମକେତୁ ସୃଷ୍ଟି ହୋଇଥିଲା, କିମ୍ବା (୩) ଧୂମକେତୁ ଗୁଡିକ ସୃଷ୍ଟିର ପ୍ରଥମ ଯୁଗ ସମ୍ବନ୍ଧୀୟ ଗ୍ରହ ଯାହା ସୌରମଣ୍ଡଳରେ ଅନ୍ତର୍ଭୁକ୍ତ ହୋଇନଥିଲା । ପ୍ରଥମ ଧାରଣା ୧୮୧୩ ମସିହାରେ ଫରାସୀ ଗଣିତଜ୍ଞ ଏବଂ ଜ୍ୟୋତିର୍ବିଜ୍ଞାନୀ ପିଆର ଲାପ୍ଲେସଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିବାବେଳେ ଦ୍ୱିତୀୟ ଧାରଣା ଅନ୍ୟ ଜଣେ ଫରାସୀ ଗଣିତଜ୍ଞ-ଜ୍ୟୋତିର୍ବିଜ୍ଞାନୀ ଜୋସେଫ ଲାଗ୍ରେଞ୍ଜଙ୍କଠାରୁ ଆସିଥିଲା । ତୃତୀୟଟି ୧୯୧୦ ମସିହାରେ ଇଂରାଜୀ ଜ୍ୟୋତିର୍ବିଜ୍ଞାନ ଜର୍ଜ ଚାମ୍ବରସଙ୍କଠାରୁ ଆସିଥିଲା ।

'ତାରା ବା ନକ୍ଷତ୍ର ମାନଙ୍କ ମଧ୍ୟରେ ଥିବା ମହାକାଶରୁ ଧୂମକେତୁର ସୃଷ୍ଟି'ଧାରଣା କିଛି ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଲା । ପ୍ରଥମେ, ଜ୍ୟୋତିର୍ବିଜ୍ଞାନୀମାନେ ଦର୍ଶାଇଲେ ଯେ ଏହି ଶୂନ୍ୟ ସ୍ଥାନରେ ଥିବା ଧୂମକେତୁ ବୃହସ୍ପତି ଦ୍ୱାରା କରଗତ କରିବା ଏକ ଅସମ୍ଭବ ଘଟଣା ଥିଲା ଏବଂ ବୋଧହୁଏ ସ୍ୱଳ୍ପ ସମୟର ଧୂମକେତୁ ପାଇଁ ହିସାବ ଦେଇପାରିନଥିଲା । ଆହୁରି ମଧ୍ୟ, ପ୍ରକୃତରେ ହାଇପରବୋଲିକ୍ କକ୍ଷପଥରେ କୌଣସି ଧୂମକେତୁ ପରିଲକ୍ଷିତ ହୋଇନଥିଲା । କେତେକ ଦୀର୍ଘକାଳୀନ ଧୂମକେତୁ କକ୍ଷପଥ ସମାଧାନ ହୋଇଥିଲା । କିନ୍ତୁ ପ୍ରକୃତରେ ଏକ ହାଇପରବୋଲିକ୍ ଧୂମକେତୁ ସୂର୍ଯ୍ୟଙ୍କ ବେଗ ସହିତ ପ୍ରତି ସେକେଣ୍ଡରେ ପ୍ରାୟ ୨୦ କିଲୋମିଟର ବେଗ ରେ ଯାଉଥିବା ତାରକା ସହିତ ନିକଟତର ହେବା ବିଭିନ୍ନ କାରଣ ଯୋଗୁଁ ବିଚିତ୍ର ବୋଲି ଧରାଯାଏ । ୧୯୧୪ ରେ ସ୍ୱିଡେନରେ ଜନ୍ମିତ ଡାନିଶ୍ ଜ୍ୟୋତିର୍ବିଜ୍ଞାନୀ ଏଲିସ୍ ଷ୍ଟ୍ରୋମଗ୍ରେନ୍ ଧୂମକେତୁ ମାନଙ୍କର କକ୍ଷପଥର ଏକ ବିଶେଷ ତାଲିକା ପ୍ରକାଶ କରିଥିଲେ । ଷ୍ଟ୍ରୋମଗ୍ରେନ୍ ଦୀର୍ଘ ସମୟର ଧୂମକେତୁ ର ସ୍ଥିର କକ୍ଷପଥଗୁଡ଼ିକୁ ନେଇ ଧୂମକେତୁ ସୌର ଅଞ୍ଚଳରେ ପ୍ରବେଶ କରିବା ପୂର୍ବରୁ ଓ ପରେ ସେମାନଙ୍କୁ ଆକଳନ କରିଥିଲେ । ତା'ପରେ ସେ କକ୍ଷପଥଗୁଡ଼ିକୁ ସମଗ୍ର ସୌରପ୍ରଣାଳୀର ପିଣ୍ଡର କେନ୍ଦ୍ରକୁ ସୂଚିତ କଲେ । ସେ ଜାଣିବାକୁ ପାଇଲେ ଯେ ଅଧିକାଂଶ ହାଇପରବୋଲିକ୍ କକ୍ଷପଥଗୁଡିକ ଏଲେପଟିକାଲ୍ ହୋଇଗଲା । ଏହା ପ୍ରମାଣିତ କଲା ଯେ ଧୂମକେତୁ ଗୁଡ଼ିକ ସୌର ପ୍ରଣାଳୀର ସଦସ୍ୟ ଥିଲେ । ସେହି ପ୍ରକାରର କକ୍ଷପଥକୁ "ମୂଳ" କକ୍ଷପଥ ଭାବରେ କୁହାଯାଏ, ଯେତେବେଳେ କି ଏକ ଧୂମକେତୁର କକ୍ଷପଥ ଗ୍ରହ ଅଞ୍ଚଳ ଦେଇ ଗଲାବେଳେ ଏହାକୁ "ଓସ୍କୁଲେଟିଂ" (କିମ୍ବା "ତତକ୍ଷଣାତ୍") କକ୍ଷପଥ କୁହାଯାଏ, ଏବଂ ଧୂମକେତୁର ଗ୍ରହ ଛାଡିବା ପରେ କକ୍ଷପଥକୁ "ଭବିଷ୍ୟତ" କକ୍ଷପଥ କୁହାଯାଏ ।

'ବିଶାଳ ଗ୍ରହମାନଙ୍କଠାରୁ ବାହାରୁଥିବା ଧୂମକେତୁ'କଳ୍ପନାକୁ ସୋଭିଏତ୍ ଜ୍ୟୋତିର୍ବିଜ୍ଞାନୀ ସର୍ଗି ଭସେଭସ୍ୱାଟସ୍କି ପସନ୍ଦ କରିଥିଲେ କାରଣ ବିଶାଳ ଗ୍ରହର ଉଭୟ ବାୟୁମଣ୍ଡଳରେ ଏବଂ ଶରୀରରେ ଆବିଷ୍କୃତ ହୋଇଥିବା ଅଣୁ ସମାନ । ସଂକଳ୍ପଟି ବୃହସ୍ପତିଙ୍କୁ ନିୟମିତ ଭାବରେ ସାମ୍ନା କରୁଥିବା ଅନେକ ସ୍ୱଳ୍ପ ସମୟର ଧୂମକେତୁ ବ୍ୟାଖ୍ୟା କରିବାରେ ସାହାଯ୍ୟ କଲା । ବୃହସ୍ପତିଏକ ବିଶାଳ ଗ୍ରହହୋଇଥିବାରୁ ଏହାର ନିସ୍ତାର (ଏସ୍କେପ୍)ଗତି ଅନେକ ଅଧିକ, ପ୍ରତି ସେକେଣ୍ଡରେ ପ୍ରାୟ ୬୦ କିଲୋମିଟରଏବଂ କେଉଁ ଶାରୀରିକ ପ୍ରକ୍ରିୟା ଦ୍ୱାରା ଏହି ଗତିକୁ ହାସଲ କରିପାରିବ ତାହା ବୁଝିବା ମଧ୍ୟ କଷ୍ଟସାଧ୍ୟ ଥିଲା । ତେଣୁ ଭସେଭସ୍ୱାଟସ୍କି ତାଙ୍କର ସିଦ୍ଧାନ୍ତ ରେ ମୂଳ ସ୍ଥାନଗୁଡିକୁ ବିଶାଳ ଗ୍ରହମାନଙ୍କ ବଦଳରେ ସେମାନଙ୍କର ଉପଗ୍ରହ ବୋଲି କହିବାକୁ ଆରମ୍ଭ କଲେ, ଯାହାର ନିସ୍ତାର ବେଗ ବହୁତ କମ୍ ଥିଲା । ତଥାପି, ଅଧିକାଂଶ ବୈଜ୍ଞାନିକ ମାନେ ବିସ୍ଫୋରଣ ସିଦ୍ଧାନ୍ତରେ ବିଶ୍ୱାସ କରିନଥିଲେ । ୧୯୭୯ ରେ ଭଏଜର-୧ ମହାକାଶଯାନ ଦ୍ୱାରା ବୃହସ୍ପତିର ବୃହତ ଉପଗ୍ରହ-Ioରେ ଆଗ୍ନେୟଗିରିର ଆବିଷ୍କାର ଏହି ଧାରଣାକୁ ସଂକ୍ଷେପରେ ପୁନରୁତ୍ଥାନ କଲା, କିନ୍ତୁ Ioର ରଚନା ଧୂମକେତୁ ର ରଚନା ସହିତ ଅତ୍ୟନ୍ତ ଖରାପ ମେଳ ବୋଲି ପ୍ରମାଣିତ ହେଲା । ୧୯୫୧ ମସିହାରେ ମୁଦ୍ରିତ ଏକ ଗବେଷଣା ସନ୍ଦର୍ଭରେ ଇଂରାଜୀ ଜ୍ୟୋତିର୍ବିଜ୍ଞାନୀ ରେମଣ୍ଡ ଲିଟଲେଟନ୍ ଏବଂ ୧୯୫୩ ମସିହାରେ ପ୍ରକାଶିତ ଏକ ପୁସ୍ତକ 'ଦି କମେଟସ୍ ଆଣ୍ଡ ଦେୟାର ଅରିଜିନ୍' ଦ୍ୱାରା ଧୂମକେତୁ ଉତ୍ପତ୍ତି ବିଷୟରେ ଅନ୍ୟ ଏକ ଧାରଣା ପ୍ରୋତ୍ସାହିତ ହୋଇଥିଲା ।ଯେହେତୁ ଏହା ଜଣାଥିଲା ଯେ ଧୂମକେତୁ ଉଲକା ପାତ ସହ ସଂଶ୍ଳିଷ୍ଟ ଏବଂ ଏହା ପୃଥିବୀ ପୃଷ୍ଠରୁ ଦୃଶ୍ୟମାନ ତେଣୁ "ସ୍ୟାଣ୍ଡବ୍ୟାକ୍"ମଡେଲ୍ ର ପରିକଳ୍ପନା ହେଲା ଯାହା ପରାମର୍ଶ ଦିଏ ଯେ ଧୂମକେତୁ କେବଳ ନିଜ ମାଧ୍ୟାକର୍ଷଣ ଦ୍ୱାରା ଧରାଯାଇଥିବା ଉଲକା ପାତ କଣିକାର ମେଘ ଅଟେ । ଗ୍ରହ ମାନଙ୍କ ମଧ୍ୟରେ ଥିବା ଗ୍ୟାସ୍ ଧୂଳି ହେବା ପରେ ପଳାଇଯାଏ ଓ ଧୂମକେତୁ ସୂର୍ଯ୍ୟଙ୍କ ନିକଟକୁ ଆସିବା ପରେ କଣିକା ଗରମ ହୋଇଯାଏ । ଲିଟଲଟନ୍ ଏହାକୁ ବ୍ୟାଖ୍ୟା କରିବାକୁ ଯାଇ କହିଥିଲେ ଯେ ସୂର୍ଯ୍ୟ ଏବଂ ସୌର ପ୍ରଣାଳୀ ଏକ ଗ୍ରହ ମାନଙ୍କ ମଧ୍ୟରେ ଥିବା ଧୂଳି ମେଘ ଦେଇ ଗଲାବେଳେ ଧୂମକେତୁ ଗଠନ ହୋଇଥାଏ । ସୂର୍ଯ୍ୟର ମାଧ୍ୟାକର୍ଷଣ ଶକ୍ତି ତା'ର ପାଖ ଦେଇ ଯାଉଥିବା ଧୂଳି ଉପରେ ଧ୍ୟାନ କେନ୍ଦ୍ରିତ କରେ, ଏବଂ ଏହି ଉପ-ମେଘଗୁଡ଼ିକ ତା'ପରେ ନିଜ ମାଧ୍ୟାକର୍ଷଣ ଯୋଗୁଁ ଶକ୍ତି ଲୋପ ହୋଇ 'ଧୂମକେତୁ ବାଲୁକା' ଗଠନ କରିଥାଏ ।

ସେହି ତତ୍ତ୍ୱର ଗୋଟିଏ ସମସ୍ୟା ହେଲା ଲିଟଲଟନ୍ ଆକଳନ କରିଥିଲେ ଯେ ସୂର୍ଯ୍ୟଙ୍କ କେନ୍ଦ୍ର ଦ୍ୱାରା ମାଧ୍ୟାକର୍ଷଣ ଏବଂ ସୌରପ୍ରଣାଳୀ ପଛରେ ପ୍ରାୟ ୧୫୦ AUକଣିକାକୁ ଏକତ୍ର କରିପାରିବ । କିନ୍ତୁ ତାହା ଦୀର୍ଘ ସମୟର ଧୂମକେତୁରର ଜଣାଶୁଣା କକ୍ଷପଥ ସହିତ ଭଲ ଭାବରେ ସହମତ ହୋଇନଥିଲା । ଏଥିସହ, ପର୍ଯ୍ୟବେକ୍ଷକ ମାନଙ୍କର ମତରେ ବାଲୁକା କଳା ମେଘରେ ଯେତେ ଗ୍ୟାସ୍ ଶୋଷଣ ହୋଇପାରେ ତାହା ଅନେକ ଧୂମକେତୁରେ ମପାଯାଇଥିବା ଗ୍ୟାସ୍ ଉତ୍ପାଦନ ହାରକୁ ବ୍ୟାଖ୍ୟା କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ ।

୧୯୪୮ ମସିହାରେ ଡଚ୍ ଜ୍ୟୋତିର୍ବିଜ୍ଞାନୀ ଆଡ୍ରିଆନସ୍ ଭାନ୍ ୱର୍କମ୍, ତାଙ୍କର Ph.D. ଗବେଷଣା କିଛି କାର୍ଯ୍ୟ ଲେଡେନ୍ ୟୁନିଭରସିଟିରେ କଲାବେଳେ ବୃହସ୍ପତିର ଭୂମିକା ଅନୁଧ୍ୟାନ କରି ଜାଣି ପାରିଲେ ଯେ ବୃହସ୍ପତି ମାଧ୍ୟାକର୍ଷଣର ପ୍ରଭାବରେ ଗ୍ରହ ପ୍ରଣାଳୀ ଦେଇ ଗତି କଲାବେଳେ ଧୂମକେତୁର କକ୍ଷପଥରେ ପରିବର୍ତ୍ତନ ହୋଇଥିଲା । ସେ ଦର୍ଶାଇଛନ୍ତି ଯେ ବୃହସ୍ପତି ଦୀର୍ଘ କିମ୍ବା କ୍ଷୁଦ୍ର କକ୍ଷପଥକୁ ଏବଂ ଅନୁରୂପ ଭାବରେ ବଡ଼ କିମ୍ବା ଛୋଟ କକ୍ଷପଥକୁ ଛିନ୍ନଛତ୍ର କରିପାରେ । କେତେକ କ୍ଷେତ୍ରରେ ବୃହସ୍ପତିଙ୍କ ମାଧ୍ୟାକର୍ଷଣ ବିଘ୍ନଗୁଡ଼ିକ ଧୂମକେତୁର ପୂର୍ବର ଏଲିପିଟିକାଲ୍ କକ୍ଷପଥକୁ ହାଇପରବୋଲିକ୍‌ରେ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ ଥିଲା, ଏପରିକି ସେମାନଙ୍କୁ ସୌରପ୍ରଣାଳୀରୁ ବାହାର କରି ଗ୍ରହମାନଙ୍କ ମଧ୍ୟରେ ଥିବା ମହାକାଶକୁ ପଠାଇଦେଇଥିଲା । ଭାନ୍ ୱର୍କମ୍ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ବୃହସ୍ପତି ହେତୁ ସୌରପ୍ରଣାଳୀ ମଧ୍ୟ ଦେଇ ଧୂମକେତୁ ବାରମ୍ବାର ଯିବା ଦ୍ୱାରା ଦୀର୍ଘ ସମୟର ଧୂମକେତୁ ପାଇଁ କକ୍ଷପଥରେ ଏକ ସମାନ ବଣ୍ଟନ ଘଟିବ, ଏବଂ ବହୁ ଲମ୍ବା ସମୟର ଧୂମକେତୁଗୁଡିକ ମଧ୍ୟ ଦୀର୍ଘ ସମୟର କକ୍ଷପଥରେ ଶେଷ ହେବ । ଶେଷରେ, ଭାନ୍ ୱର୍କମ୍ ଦର୍ଶାଇଥିଲେ ଯେ ବୃହସ୍ପତି ଶେଷରେ ପ୍ରାୟ ଏକ ଲକ୍ଷ ବର୍ଷର ବ୍ୟବଧାନରେ ସମସ୍ତ ଦୀର୍ଘକାଳୀନ ଧୂମକେତୁ ନିଜର ଓ ନକ୍ଷତ୍ର ମାନଙ୍କ ମଧ୍ୟରେ ଥିବା ଖାଲି ସ୍ଥାନକୁ ବାହାର କରିଦେବେ । ତେଣୁ ଧୂମକେତୁ ଗୁଡିକ କୌଣସି ପ୍ରକାରେ ପୁନଃପ୍ରୟୋଗ ହେବା ଆବଶ୍ୟକ । ଆର ଥରକୁ ଆଧୁନିକ ଯୁଗରେ ଧୂମକେତୁ ଅଧ୍ୟୟନ ବିଷୟରେ ଅଧିକ ତଥ୍ୟ ଜାଣିବା ।

# ଆମ ସମୃଦ୍ଧ ପର୍ଯ୍ୟଟନ ପରମ୍ପରା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଅନେକ ବର୍ଷ ତଳେ କେବଳ ଧନିକ ଶ୍ରେଣୀର ଲୋକେ ଭ୍ରମଣ କରୁଥିଲେ । ସମୟାନୁକ୍ରମେ ପ୍ରତ୍ୟେକ ବର୍ଗର ଲୋକେ ପର୍ଯ୍ୟଟନ ଉପରେ ଯଥାସମ୍ଭବ ଗୁରୁତ୍ୱ ଦେଉଛନ୍ତି । ଏହା ଦ୍ୱାରା ଜଣେ ବ୍ୟକ୍ତି ଅନ୍ୟ ରାଷ୍ଟ୍ରର କଳା, ସଂସ୍କୃତି, ଜୀବନଶୈଳୀ, ଖାଦ୍ୟପେୟ ସମ୍ପର୍କରେ ଅବଗତ ହେଉଛନ୍ତି । ଭାରତରେ ଭୌଗୋଳିକ, ସାଂସ୍କୃତିକ, ଜଳବାୟୁର ବିବିଧତା ଥିଲେ ମଧ୍ୟ ଦେଶର ରମଣୀୟ ସ୍ଥାନ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ । ସମଗ୍ର ଦେଶରେ ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ବେଳାଭୂମୀ ପର୍ଯ୍ୟଟନ ଠାରୁ ଆରମ୍ଭ କରି ଐତିହ୍ୟ, ଧାର୍ମିକ ପର୍ଯ୍ୟଟନ, ଜଙ୍ଗଲ ଓ ବନ୍ୟପ୍ରାଣୀ.ଖାଦ୍ୟ ଠାରୁ ଆରମ୍ଭ କରି ହସ୍ତଶିଳ୍ପ ଓ ହସ୍ତତନ୍ତ ପର୍ଯ୍ୟଟନର ଉତ୍ସ ଭରି ରହିଛି । କେରଳ, ମହାରାଷ୍ଟ୍ର, ତେଲେଙ୍ଗାନା ପଶ୍ଚିମବଙ୍ଗ ପରେ ଓଡିଶାର ପର୍ଯ୍ୟଟନ କ୍ଷେତ୍ରରୁ ରାଜକୋଷକୁ ବେଶୀ ଆୟ ଆସେ ।

ଓଡିଶାର ପ୍ରାଚୀନ କୀର୍ତ୍ତିରାଜି, ସୁନ୍ଦର ବେଳାଭୂମୀ, ସମୃଦ୍ଧ କଳା ଓ ସଂସ୍କୃତି, ମେଳା ମହୋତ୍ସବ ଓ ଗ୍ରାମ୍ୟ ବିଭବ ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ପର୍ଯ୍ୟଟନ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବାରେ ବିଶ୍ୱର ଅନ୍ୟ ଦେଶ ତୁଳନାରେ ଓଡିଶାର ସ୍ଥିତି କୌଣସି ଗୁଣରେ କମ ନୁହେଁ । ପର୍ଯ୍ୟଟନ ଶିଳ୍ପ କେବଳ ଆମୋଦ ପ୍ରମୋଦର ମାଧ୍ୟମ ନୁହେଁ । ଏହା ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଥାଏ । ଏହା ଦେଶ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରିବା ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ । ଟୁର ଅପରେଟରଙ୍କ ଠାରୁ ଆରମ୍ଭ କରି ରେଳବାଇ, ବସ ମାଲିକ, ବିମାନ ପରିବହନ ସଂସ୍ଥା, ଗାଇଡ, ହୋଟେଲ ସିଧାସଳଖ ନିଯୁକ୍ତି ପାଇଥାନ୍ତି ଏବଂ ପରୋକ୍ଷରେ ବି ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ । ଏହାଦ୍ୱାରା ବିପୁଳ ରାଜସ୍ୱ ବିଭିନ୍ନ ସ୍ତର ଦେଇ ରାଜ୍ୟ ତଥା ଦେଶର ରାଜକୋଷକୁ ଆସିଥାଏ । ଓଡିଶା ପର୍ଯ୍ୟଟନ ନୀତି ପ୍ରଣୟନ ହେବା ପର ଠାରୁ ରାଜ୍ୟକୁ ଜାତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ଓଡିଶା ପର୍ଯ୍ୟଟନ ନୀତି-୨୦୧୬ରେ ଘରୋଇ ଉଦ୍ୟୋଗୀମାନଙ୍କୁ ପର୍ଯ୍ୟଟନ ଶିଳ୍ପ ପ୍ରତି ଆକର୍ଷଣ କରିବା ପାଇଁ ପର୍ଯ୍ୟଟନ ନୀତିରେ ବିଭିନ୍ନ ରିହାତିର ବ୍ୟବସ୍ଥା କରାଯାଇଛି । ଏବେ ସମଗ୍ର ବିଶ୍ୱରେ ଜଗତୀକରଣ ପରେ ଲୋକମାନଙ୍କର ଆର୍ଥିକ ଅଭିବୃଦ୍ଧି ହେଉଥିବା ଯୋଗୁଁ ଏବଂ ଗମନାଗମନ ଓ ସୂଚନା ବିଜ୍ଞାନର ବିକାଶ ହେତୁ ପର୍ଯ୍ୟଟନ ପ୍ରତି ଆକର୍ଷଣ ବୃଦ୍ଧି ପାଉଛି । ପର୍ଯ୍ୟଟକମାନେ ଦର୍ଶନୀୟ ସ୍ଥାନ ପରିଦର୍ଶନରେ ଯାଉଛନ୍ତି । ଆମ ଦେଶ ହେଉ ବା ବାହାର ଦେଶ ହେଉ ପର୍ଯ୍ୟଟକମାନେ ଆମ ରାଜ୍ୟର ଅତିଥି । ସେମାନେ ବହୁ ଦୂର ଅତିକ୍ରମ କରି ଆମ ପର୍ଯ୍ୟଟନ କ୍ଷେତ୍ରକୁ ଆସିଥାନ୍ତି କିଛି ନୂଆ ଦେଖିବାକୁ, ନୂଆ ବାର୍ତ୍ତା ଦେବାକୁ ଓ ଆମ ଠାରୁ କିଛି ଶିଖି ଯିବାକୁ । ଆମର କର୍ତ୍ତବ୍ୟ ହେଉଛି ସେମାନଙ୍କୁ ସୁରକ୍ଷା ଦେବା । ସେମାନେ ଯେପରି ନିର୍ଭୟରେ ଆମ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ କ୍ଷେତ୍ରଗୁଡିକୁ ଦର୍ଶନ କରି ଖୁସି ମନରେ ନିଜନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିବେ ସେଥିପ୍ରତି ଯତ୍ନବାନ ହେବା । ନିରାପତ୍ତା, ଗମନାଗମନ, ରହିବା ଓ ଖାଇବା ଠିକ ରହିଲେ ସେମାନେ ଆମ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ବାରମ୍ବାର ଆସିବାକୁ ଇଚ୍ଛା ପ୍ରକାଶ କରିବେ । ନିଜର ବନ୍ଧୁ ପରିଜନଙ୍କୁ ଏସବୁ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ବୁଲି ଆସିବାକୁ ପ୍ରୋତ୍ସାହିତ କରିବେ । ଓଡିଶାରେ ତୀର୍ଥ ଓ ପର୍ଯ୍ୟଟନସ୍ଥଳୀର ସୁରକ୍ଷା ଏବଂ ବିକାଶ ପାଇଁ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନନ୍ୟ ନିଦର୍ଶନ ସାଜିଥିବା ଧାର୍ମୀକ ପୀଠଗୁଡିକର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି ।

ଓଡିଶାରେ ଇକୋ-ଟୁରିଜିମ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକମାନେ ଯେପରି ପ୍ରାକୃତିକ ପରିବେଶରେ ଭରପୂର ମଜା ନେବେ ସେଥିପାଇଁ ରାଜ୍ୟର ସାତଟି ସ୍ଥାନରେ ଇକୋ ରିଟ୍ରିଟର ବ୍ୟବସ୍ଥା କରାଯାଇଛି । ଓଡିଶାରେ ପ୍ରାୟ ଦୁଇଶହରୁ ଅଧିକ ଐତିହ୍ୟସମ୍ପନ୍ନ ବୌଦ୍ଧ କିର୍ତ୍ତି ରହିଛି । ବୌଦ୍ଧ କ୍ଷେତ୍ର ନାଳନ୍ଦା ଓ ବୋଧଗୟାର ସମକକ୍ଷ ଓଡିଶାର ବୌଦ୍ଧ କୀର୍ତ୍ତିଗୁଡିକୁ ଗବେଷକ, ପର୍ଯ୍ୟଟକ, ବିଦ୍ୱାନମାନଙ୍କର ଦୃଷ୍ଟି ଆକର୍ଷଣ କରି ଆସିଛି । ଓଡିଶାର ହୀରକ ତ୍ରିଭୁଜ ଭାବରେ ଜଣାଶୁଣା ରତ୍ନଗିରି, ଉଦୟଗିରି, ଲଳିତଗିରି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥିବାବେଳେ ଧଉଳି ନିକଟରେ ସମ୍ରାଟ ଅଶୋକ ବୌଦ୍ଧ ଧର୍ମ ଗ୍ରହଣ କରିବା ସହ ଓଡିଶାରୁ ବିଶ୍ୱବ୍ୟାପୀ ବୌଦ୍ଧଧର୍ମର ପ୍ରସାର ଅଭିଯାନ ଆରମ୍ଭ କରିଥିଲେ । ରାଜ୍ୟର ପ୍ରଥମ ଧାର୍ମିକ ପର୍ଯ୍ୟଟନ ସର୍କିଟ ଭାବରେ ପୂର୍ବରୁ ପୁରୀ-କୋଣାର୍କ-ଭୁବନେଶ୍ୱରକୁ ନେଇ ସ୍ୱର୍ଣ୍ଣ ତ୍ରିଭୁଜ ରହିଥିଲା । କେନ୍ଦ୍ରାପଡାର ବଳଦେବଜୀଉ, ଭଦ୍ରକର ଆଖଣ୍ଡଳମଣି, ଯାଜପୁରର ବିରଜା, ଜଗତସିଂପୁରର ମାଶାରଳା, ଗଞ୍ଜାମର ତାରାତାରିଣୀ, କେନ୍ଦୁଝରର ମାତାରିଣୀ ଆଦି ଧାର୍ମିକ ପୀଠର ବିକାଶ କରିବା ଫଳରେ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଦେବଭୂମୀ ଓଡିଶାରେ ଥିବା ମନ୍ଦିରଗୁଡିକ ନୂଆ ରୂପ ପାଇବା ଗୌରବର ବିଷୟ । ଓଡିଶାରେ ରହିଛି ୪୮୨ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମୀ । ରାଜ୍ୟର ଦୀର୍ଘ ଉପକୂଳ ଅଞ୍ଚଳ ବେଳାଭୂମୀ ପର୍ଯ୍ୟଟନର ବିକାଶ ପାଇଁ ବିପୁଳ ସମ୍ଭାବନା ରହିଛି । ଓଡିଶା ଭ୍ରମଣରେ ଆସୁଥିବା ଦେଶ ଓ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୋଆ ଶୈଳୀରେ ପୁରୀ-କୋଣାର୍କ ବେଳାମାର୍ଗ, ଗଞ୍ଜାମର ଗୋପଳପୁର ଓ ପତିସୋନାପୁର ବେଳାଭୂମି, ବାଲେଶ୍ୱରର ତାଳସାରି-ଉଦୟପୁର ଏବଂ ଚାନ୍ଦିପୁର, ଜଗତସିଂପୁରର ପାରାଦ୍ୱୀପ ବେଳାଭୂମିକୁ ବିକଶିତ କରାଯାଉଛି । ଗୋଆ ଓ କୋଲକତା ଭଳି ଏଠାରେ ନଦୀଭିତ୍ତିକ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଉଛି । ହାଉସ ବୋଟ, କ୍ରୁଜ, ହୋଟେଲ ଅନ ହୁଇଲ ବ୍ୟବସ୍ଥା ଦ୍ୱାରା ପର୍ଯ୍ୟଟକମାନେ ବାହାର ରାଜ୍ୟ ଭଳି ସୁବିଧା ନିଜ ରାଜ୍ୟରେ ପାଇପାରୁଛନ୍ତି । ପଞ୍ଜାବ ଓ ରାଜସ୍ଥାନ ଭଳି ଓଡିଶାରେ ମଧ୍ୟ ରାଜପ୍ରସାଦ ପର୍ଯ୍ୟଟନର ବିକାଶ କରାଯାଇଛି । ଓଡିଶାର ୯ଟି ସୁରମ୍ୟ ରାଜବାଟୀ କୁ ସେଥିରେ ସାମିଲ କରାଯାଇଛି । ଓଡିଆ ଖାଦ୍ୟର ପ୍ରଚାର ଓ ପ୍ରସାର ପାଇଁ ପର୍ଯ୍ୟଟନ ବିଭାଗ ନିମନ୍ତ୍ରଣ ନାମରେ ଏକାଧିକ ରେସ୍ତୋରାଁ ଖୋଲିଛନ୍ତି । ବିଭିନ୍ନ ଅଞ୍ଚଳର ସ୍ୱାଦିଷ୍ଟ ଖାଦ୍ୟ ଏଠାରେ ପରିବେଷଣ କରାଯାଉଛି । ପର୍ଯ୍ୟଟନର ପ୍ରସାର ପାଇଁ ଦେଶ ଓ ବିଦେଶରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖାଦ୍ୟମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ରୋଡ ସୋ କରାଯାଉଛି । ପ୍ରସାଦ, ଶାମୁକା ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି କରାଯାଉଛି ।

# ଅଧାରୁ ପାଠ ଛଡା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଓଡିଶାରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୯.୯ ପ୍ରତିଶତ ଅଧାରୁ ପାଠ ଛାଡି ଦେଉଥିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଲୋକସଭାରେ ଏକ ପ୍ରଶ୍ନର ଉତରରେ ପ୍ରକାଶ କରିବା ପରେ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଏବେ ଟଣାଓଟରା ଆରମ୍ଭ ହୋଇଛି । ଲୋକସଭା କେନ୍ଦ୍ରଶିକ୍ଷା ମନ୍ତ୍ରୀ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି, ତାହା ଯଦି ସତ୍ୟ ହୋଇଥାଏ, ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି କୁହାଯିବ । ୨୦୧୮-୧୯ରୁ ୨୦୨୧-୨୨ ପର୍ଯ୍ୟନ୍ତ ୪ବର୍ଷ ଧରି ରାଜ୍ୟରେ ୪୯.୯ ପ୍ରତିଶତ ପିଲା ଅଧାରୁ ପାଠ ଛାଡିଥିବା ସୂଚନା ଦିଆଯାଇଛି । ଦର୍ଶାଯାଇଛି ଯେ, ଚାରିବର୍ଷ ପୂର୍ବେ ଓଡିଶାରେ ୧୨.୮ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ଏବେ ତାହା ୪୯.୯ ପ୍ରତିଶତକୁ ବୃଦ୍ଧି ପାଇଛି । ଅବଶ୍ୟ ରାଜ୍ୟ ସରକାର ଏହି ତଥ୍ୟକୁ ଖଣ୍ଡନ କରି ରାଜ୍ୟରେ ୧୫ରୁ ୨୦ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ସ୍ୱୀକାର କରିଛନ୍ତି, ଯାହାକି ଅନ୍ୟକେତେକ ରାଜ୍ୟ ତୁଳନାରେ କମ ରହିଥିବା ଦର୍ଶାଇଛନ୍ତି । କିନ୍ତୁ ଏହା ନିସନ୍ଦେହ ଯେ, ଚାରିବର୍ଷ ପୂର୍ବରୁ ମାତ୍ର ୧୨.୮ ପ୍ରତିଶିତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ଏବେ ସରକାରୀ ବିଦ୍ୟାଳୟଗୁଡିକର ରୂପାନ୍ତରିକରଣ ସହ ସରକାର ପିଲାଙ୍କୁ ୟୁନିଫର୍ମ, ସାଇକେଲ ଓ ପାଠ୍ୟ ପୁସ୍ତକ ମାଗଣାରେ ଯୋଗାଇ ଦେଉଥିବା ବେଳେ ଅଧାରୁ ପାଠଛାଡିବା ନିଶ୍ଚିତ ଭାବେ ଉଦ୍‌ବେଗଜନକ । ତେବେ ଅଧାରୁ ପିଲାଙ୍କ ପାଠ ଛାଡିବାବେଳେ ଓଡିଶାର ସମସ୍ୟା ନୁହେଁ । ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଜାତୀୟ ହାର ୨୦୧୮-୧୯ରେ ୨୮.୪ ପ୍ରତିଶତ ଥିବାବେଳେ ୨୦୨୧-୨୨ରେ ତାହା ୨୦.୬ ପ୍ରତିଶତକୁ ହ୍ରାସ ପାଇଛି । ସେହିପରି ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ବିହାର, ମେଘାଳୟରେ ୩୩.୫% ଥିବାବେଳେ କର୍ଣ୍ଣାଟକରେ ୨୮.୫%, ଆନ୍ଧ୍ରପ୍ରଦେଶରେ ୨୮.୩%, ଆସାମରେ ୨୮.୩%, ଗୁଜରାଟରେ ୨୮.୨%, ତେଲେଙ୍ଗାନାରେ ୨୭.୨% ଥିବା କୁହାଯାଇଛି । ସେହିପରି ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ କରିବାରେ ତ୍ରିପୁରା, ଆସାମ, ମଧ୍ୟପ୍ରଦେଶ, ଗୁଜରାଟ ଆଦି ରାଜ୍ୟ ଆଶାତୀତ ସଫଳତା ହାସଲ କରିଥିବା କେନ୍ଦ୍ର ସରକାରଙ୍କ ତଥ୍ୟରୁ ଜଣାଯାଇଛି । ତ୍ରିପୁରାରେ ୨୦୨୦-୨୧ରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ୨୬.୯ ପ୍ରତିଶତ ଥିବାବେଳେ ୨୦୨୧-୨୨ରେ ସେହି ହାର ପରବର୍ଷ ଅର୍ଥାତ ୨୦୨୧-୨୨ରେ ମାତ୍ର ବର୍ଷକ ମଧ୍ୟରେ ୩.୮%କୁ କମିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ସଫଳତା । ସେହିପରି ଆସାମରେ ଚାରିବର୍ଷ ପୂର୍ବେ ୪୪ପ୍ରତିଶତ ପିଲା ସ୍କୁଲ ଛାଡୁଥିବାବେଳେ ଏବେ ତାହା ୨୮.୩% ପ୍ରତିଶତକୁ ହ୍ରାସ ପାଇଛି । ମଧ୍ୟପ୍ରଦେଶ ଏବଂ ଗୁଜରାଟ ମଧ୍ୟ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ନିୟନ୍ତ୍ରଣ କରିବାରେ ଆଶାତୀତ ସଫଳତା ପାଇଥିବା କୁହାଯାଏ । ଆମ ରାଜ୍ୟରେ ମହାମାରୀ କୋରୋନା କାଳରେ ଅଧାରୁ ପାଠ ଛାଡିଥିବା ପିଲାଙ୍କ ହାର ୫୦ପ୍ରତିଶତକୁ ବୃଦ୍ଧି ପାଇବା ସେତେବେଳେ ଘୋର ଆଲୋଡନ ସୃଷ୍ଟି କରିଥିଲା ଯାହାକି ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟାରୁ ସ୍ପଷ୍ଟ ହୋଇଥିଲା । ଏବେ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଯଦି ପାଠଛାଡୁଥିବା ପିଲାଙ୍କ ହାର ୧୫ରୁ ୨୦ ପ୍ରତିଶତ ହୋଇଥାଏ, ତେବେ ଏହାକୁ ଏକ ସଫଳତା ବୋଲି ନିସନ୍ଦେହରେ କୁହାଯାଇପାରିବ । ଶିକ୍ଷାବିତ୍‌ମାନେ ବିଶ୍ୱାସ କରନ୍ତି ଯେ, ୧୫ରୁ ୧୬ ବର୍ଷ ବୟସ୍କ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶରେ ଅଧାରୁ ପାଠ ଛାଡିଥାନ୍ତି । ବିଶେଷ କରି ଦଶମ କିମ୍ବା ମାଧ୍ୟମିକ ସ୍ତରରେ ଡ୍ରପ ଆଉଟ ହାର ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଏବେ ଏହି ହାର କମିବା ଏକ ସଫଳତା ବୋଲି କୁହାଯାଇପାରିବ । ଏହା ସତ୍ତ୍ୱେ ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ଅର୍ଥନୈତିକ ସାହାଯ୍ୟ ଓ ବିକାଶ ସଂସ୍ଥା (ଅର୍ଗାନାଇଜେସନ ଫର ଇକୋନାମିକ କୋଅପରେସନ୍ ଆଣ୍ଡ ଡେଭଲମେଂଟ ଓଇସିଡି) ରାଷ୍ଟ୍ରଗୁଡିକ, ଏପରିକି ଶ୍ରୀଲଙ୍କା ତୁଳନାରେ ନିମ୍ନ ମାଧ୍ୟମିକ ସ୍ତରରେ ଭାରତ ପଛରେ ରହିଛି । ଭାରତରେ ୪୯.୮ ପ୍ରତିଶତ ଲୋକ ନିମ୍ନ ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ କରିଥିବାବେଳେ ଶ୍ରୀଲଙ୍କା ଏବଂ ଓଇସିଡି ରାଷ୍ଟ୍ରଗୁଡିକର ଏହି ହାର ୮୨ରୁ ୯୫ ପ୍ରତିଶତ ମଧ୍ୟରେ ରହିଛି । ଏହା ଦେଶରେ ଅଧାରୁ ପାଠ ଛାଡ ପାଇଁ ଦାରିଦ୍ର୍ୟ ବେରୋଜଗାର ଏବଂ ନିଯୁକ୍ତି ସୁଯୋଗର ଅଭାବ ଯେଉଁଥିପାଇଁ କି ମହାମାରୀ କୋରୋନା ସମୟରେ ଦେଶରେ ମାଧ୍ୟମୀକ ସ୍ତରରେ ଡ୍ରପ ଆଉଟ ହାର ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ଏହା ସନ୍ଦେହ ଯେ, ପାଠ ପଢିବା ପରେ ଆମ ଦେଶରେ ଛାତ୍ରଛାତ୍ରୀମାନେ ଚାକିରିଟିଏ ପାଇଁ ସାଧାରଣତଃ ଲକ୍ଷ୍ୟ ରଖିଥାନ୍ତି । ମାତ୍ର ବହୁ ଉଦ୍ୟମ, ଚେଷ୍ଟା ସତ୍ତ୍ୱେ ଶିକ୍ଷିତ ଯୁବକ-ଯୁବତୀଙ୍କୁ ନିଯୁକ୍ତି ମିଳିନଥାଏ । ଚାକିରିଟିଏ ନପାଇବା ଉଭୟ ଯୁବକଯୁବତୀ ଓ ଅଭିଭାବକଙ୍କୁ ହତୋତ୍ସାହିତ କରିବା ସ୍ୱାଭାବିକ । ବୋଧହୁଏ ଏଥିରେ କେହି ଅସହମତ ହେବେ ନାହିଁ ଯେ, ଆମ ଦେଶରେ ଉଚ୍ଚ ଶିକ୍ଷିତଙ୍କ ମଧ୍ୟରେ ବେକାରି ହାର ସର୍ବାଧିକ ଅର୍ଥାତ ଶୀର୍ଷରେ ରହିଛି । ସରକାରୀ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଆମ ଦେଶରେ ୨୦୨୨-୨୩ରେ ମୋଟ ଉପରେ ଉଚ୍ଚଶିକ୍ଷିତ ବେକାରୀ ହାର ୨ ପ୍ରତିଶତ ରହିଥିବାବେଳେ ଅତିକମରେ ମାଧ୍ୟମିକ ଶିକ୍ଷା ସ୍ତରରେ ବେକାରି ହାର ୭.୩ ପ୍ରତିଶତ ରହିଛି । ଏହା ସତ୍ୟ ଯେ ଆମ ଦେଶରେ ବେକାରି ବୃଦ୍ଧି ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ବେକାରି ସମସ୍ୟାର ସମାଧାନ ଲାଗି ଉଦ୍ୟମ ନହେବା ନିଶ୍ଚିତ ଭାବେ ଚିନ୍ତାଜନକ । ସେହିପରି ଦାରିଦ୍ର୍ୟ ହାର ହ୍ରାସ ପାଉଥିବା ନେଇ ସରକାର ଯେତେ ଡିଣ୍ଡିମ ପିଟୁଥିଲେ ମଧ୍ୟ ବାସ୍ତବ ସ୍ଥିତି କିନ୍ତୁ ନିଆରା । ତେବେ ପିଲାଙ୍କୁ ଅଧିକ ପାଠ ନପଢାଇବା ପାଇଁ ଅଭିଭାବକ ଚିନ୍ତା କରିବା ସ୍ୱାଭାବିକ ତେବେ ମୁଖ୍ୟ ପ୍ରସଙ୍ଗ ହେଉଛି, ଅଧିକ ମାତ୍ରାରେ ନିୟମିତ ରୋଜଗାର ବା ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଲେ, ଅଧାରୁ ପାଠପଢା ଛାଡିବା ସମସ୍ୟା ଦୂର ହୋଇପାରିବ ବୋଲି ଆମର ଆଶା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ମାର୍ଚ୍ଚ ୨୦୨୪ ମଙ୍ଗଳବାର

# ଓଡ଼ିଶାର ସ୍ୱର୍ଦ୍ଧିତ ସ୍ୱର-ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ

**ଓଡ଼ିଶାକୁ ଏକ ସମୃଦ୍ଧ, ସ୍ୱାଭିମାନୀ ତଥା ବିକଶିତ ରାଜ୍ୟରେ ପରିଣତ କରିବାକୁ ସ୍ୱପ୍ନ ଦେଖିଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ହେଉଛନ୍ତି ଝଡ଼ର ଇଗଲ । ତାଙ୍କ ଜୀବନ ଥିଲା ସଂଘର୍ଷ, ବଳିଦାନ ଆଉ ଉପଲବ୍ଧିର କାହାଣୀ । ସେ ଥିଲେ ସାଧାରଣ ମଣିଷର ହୃଦୟର ନେତା । ରାଜ୍ୟର ବିକାଶରେ ତାଙ୍କର ଅନେକ ଅବଦାନ ଅନସ୍ୱୀକାର୍ଯ୍ୟ ଓ ଅଦ୍ୱିତୀୟ । ମହିଳା ଶସକ୍ତିକରଣ, ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ କ୍ଷେତ୍ରରେ ତାଙ୍କର ଐତିହାସିକ ପଦକ୍ଷେପକୁ ଏ ଜାତି କେବେ ଭୁଲି ପାରିବନାହିଁ । ନୌବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ମହାନ ପରମ୍ପରାକୁ ମନେ ପକାଇଦେବା ଉଦ୍ଦେଶ୍ୟରେ ସେ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଦ୍ୱୀପକୁ ପ୍ରଚଳନ କରିଥିଲେ ନୌଯାତ୍ରା ଅଭିଯାନ । ଦିଗ୍‌ବିଜୟୀ ସମ୍ରାଟ ଖାରବେଳଙ୍କ ଦାୟାଦ ଓଡ଼ିଶାବାସୀଙ୍କୁ ସେମାନଙ୍କ ଐତିହ୍ୟ ମନେ ପକାଇଦେବା ସହ ଏ ଜାତିର ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ସ୍ୱପ୍ନାଭିଳାଷୀ ବିଜୁ ବାବୁ ଶତତ ଚେଷ୍ଟିତ ଥିଲେ । ଓଡ଼ିଶାର ଏହି ସୁଯୋଗ୍ୟ ସନ୍ତାନଙ୍କୁ ତାଙ୍କ ପବିତ୍ର ଜନ୍ମତିଥିରେ ସମ୍ବାଦ କଳିକା ପରିବାର ତରଫରୁ ସଶ୍ରଦ୍ଧ ପ୍ରଣାମ ଏବଂ ଶ୍ରଦ୍ଧାଞ୍ଜଳି ।**



## ଏମିତି ଥିଲେ ବିଜୁ ପଟ୍ଟନାୟକ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ବ୍ୟକ୍ତି ସମକାଳର, ବ୍ୟକ୍ତିତ୍ୱ ଚିରକାଳର । ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇ ପଡ଼େ ସମାଜରୁ ରାଷ୍ଟ୍ରକୁ । ଏମିତି ଏକ କାଳଜୟୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବିଜୟାନନ୍ଦ ପଟ୍ଟନାୟକ - ସବୁରି ପ୍ରିୟ ବିଜୁ ପଟ୍ଟନାୟକ । ତାଙ୍କର ଜନ୍ମ ୧୯୧୬ମସିହା ମାର୍ଚ୍ଚ ୫ତାରିଖରେ କଟକ ତୁଳସୀପୁରସ୍ଥ ପୈତୃକ ବାସଭବନ ଆନନ୍ଦ ଭବନରେ ହୋଇଥିଲା । ବାଲ୍ୟକାଳରୁ ସେ ପ୍ରବଳ ସ୍ୱପ୍ନ ବିଳାସୀ ଥିଲେ ଓ ପ୍ରାଚୀନ କଳିଙ୍ଗର ହୃତ ଗୌରବ ଫେରାଇ ଆଣିବା ପାଇଁ ଦୃଢ଼ ପ୍ରତିଜ୍ଞ ଥିଲେ । କେବଳ ସେତିକି ନୁହେଁ ଚିନ୍ତାଥିଲା ତାଙ୍କର ସୁଦୂରପ୍ରସାରୀ ଓ କଳ୍ପନା ଥିଲା ଅସାଧାରଣ । ଥରେ ସେ ଯାହା ଚିନ୍ତା କରୁଥିଲେ ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ନିଷ୍ପାପର ଉଦ୍ୟମ କରୁଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

ବିଜୁପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷକ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନଥିଲେ ଜୟ-ପରାଜୟ ଭିତରେ ଓ ସବୁକୁ ଖେଳୁଆଡ ମନୋଭାବରେ ଗ୍ରହଣ କରୁଥିଲେ । ସେ କଦାପି ଏଣୁ ତେଣୁ କଥା କହୁନଥିଲେ । ଯାହା ସେ ଥରେ ଚିନ୍ତା କରୁଥିଲେ , ତାକୁ କାମରେ କରି ଦେଖାଉଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ବିଜୁ ପଟ୍ଟନାୟକ – କାହିଁ କେହିତ କୁହନ୍ତି ନାହିଁ ବିଜୟାନନ୍ଦ ପଟ୍ଟନାୟକ । ଏତେ ଲୋକପ୍ରିୟତା କାହିଁକି ଏହି ନାଁରେ । ନାଁଟିକୁ କହିଦେଲେ ମନରେ ହୃତ୍‌କମ୍ପ ସୃଷ୍ଟି ହୁଏ । ବଙ୍କିମ୍ ଚନ୍ଦ୍ରଙ୍କ 'ବନ୍ଦେମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ', କହିବା ପରି ଏକ ସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ । ସତେ ଯେମିତି ଓଡ଼ିଆ ସହିତ ବିଜୁ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସହିତ ଓଡ଼ିଆ ଏକାକାର ହୋଇଯାଇଛନ୍ତି । ଖାଲି ସେତିକି ନୁହେଁ, କେହି କେହି ତାଙ୍କୁ ପ୍ରବାଦ ପୁରୁଷ, ମାଟିର ମୂର୍ତ୍ତିକାର, କଳିଙ୍ଗ ବୀର ଓ ଝଡ଼ର ଇଗଲ ବୋଲି କହିଥାନ୍ତି ।

ରାଜନୀତି କ୍ଷେତ୍ରରେ ବିଜୁ ପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୪୭ ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ । ପାରାଦ୍ୱୀପ ବନ୍ଦର ଏକ୍ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ସହଯୋଗରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଙ୍ଗ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ୧୯୯୦ ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା । ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ । ଏହା ତାଙ୍କ ପାରିବାପଣିଆର ଏକ ନମୁନା ଥିଲା । ଏପରିକି ମୁଖ୍ୟମନ୍ତ୍ରୀ ଥିବା ବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ । ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ ।

ବିଜୁପଟ୍ଟନାୟକ ଜଣେ ଦକ୍ଷ ଓ ଦୁଃସାହସିକ ବୈମାନିକ ଥିଲେ ।ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ । ନିଜର କୃତଜ୍ଞତା ଜଣାଇବାକୁ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦କୋଟି ଟଙ୍କାର ଉପହାର ପ୍ରଦାନ କରିଥିଲେ । ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମଧ୍ୟ ତାଙ୍କୁ ମିଳିଥିଲା । ମାତ୍ର ସେହି ସବୁ ଉପହାର ଫେରାଇ ଦେଇଥିଲେ ସେ ଏବଂ କହିଥିଲେ ଭାରତୀୟ କିଛି ନିଏ ନାହିଁ । ସତରେ ଏପରି ବଦାନ୍ୟତା ପୃଥିବୀ ଇତିହାସରେ ବିରଳ । ତାଙ୍କର ଏହି କାମ ପାଇଁ ଇଣ୍ଡୋନେସିଆ ନିକଟରେ ଭାରତ ମହାନ ହୋଇ ରହିଲା ।

ଛାତ୍ର ଅବସ୍ଥାରେ କଟକରୁ ପେଶଓ୍ୱାର ସାଇକେଲରେ ଯିବା, ପୋଲିସ୍ କର୍ଡନ୍ ଭାଙ୍ଗି ଗାନ୍ଧୀଙ୍କୁ ଦେଖିବା ପାଇଁ ଯିବା ବେଳେ ପୋଲିସ ଏସ୍.ପି.ହାରଗ୍ରୀଭ୍‌ଙ୍କ ଠାରୁ ଲାଠିମାଡ ଖାଇବା ଘଟଣା ତାଙ୍କ ଦୁଃସାହସିକତାର ନମୁନା ମାତ୍ର । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡଲାଟ୍ ୱାଭେଲଙ୍କ ପାଇଲଟ୍ ଥାଇ ସୁଦ୍ଧା ପୋଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ , ଅରୁଣା ଆଶଫ୍‌ଅଲ୍ଲୀ ଓ ରାମମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ ।ଏଥିପାଇଁ ତାଙ୍କୁ କାରାବରଣ କରିବାକୁ ପଡିଛି ସତ ମାତ୍ର ଦେଶପାଇଁ ହସି ହସି କାରବରଣ କରିଛନ୍ତି ସେ । ସେହିପରି ୧୯୬୨ ରେ ଚୀନ୍ ଭାରତ ଆକ୍ରମଣ କରିବା ସମୟରେ ସେନାମାନଙ୍କୁ ସହାୟତା କରିବାରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ ।

ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ । ସେ ଜାଣିଥିଲେ -କଳିଙ୍ଗାଃ ସାହସିକାଃ । ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍‌ସ୍, କଳିଙ୍ଗ ଟାଇଲ୍‌ସ ଓ କଳିଙ୍ଗପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ ।ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ବାସ୍ତବିକ୍ ମଧୁବାବୁଙ୍କ ପରେ ଓଡିଆର ଟେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି ।ଜୀବନ ଦୀପ ନିର୍ବାପିତ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ କେବଳ ଓଡିଆଙ୍କ କଥା ଚିନ୍ତା କରୁଥିଲେ । ଯୁବପିଢିଙ୍କୁ ସେ ସର୍ବଦା କହୁଥିଲେ- ଗୋଲାମୀ ନକରି ସ୍ୱାଧୀନ ହୁଅ ।ନିଜ ଗୋଡରେ ନିଜେ ଛିଡା ହୁଅ, ଅନ୍ୟପାଖରେ ହାତ ପତାଅ ନାହିଁ ।ଓଡିଆ ପୁଅର ବୀରତ୍ୱ ବଜାୟ ରଖ, ଓଡିଆର ସୁନାମ ରଖ, ଅଯଥାରେ ସମୟ ନଷ୍ଟକରନା, ଦେଶ କଥାଭାବ, ଦେଶ ପାଇଁ କାମ କରିବାକୁ ଆଗେଇ ଆସ ।

ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ ।ତାଙ୍କ ବଳିଷ୍ଠ ଓ ସୁଠାମ ଚେହେରା ଥିଲା ଈଶ୍ୱର ଦତ୍ତ । ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳାଳୀ ମଧ୍ୟରେ ଜଣେ ଥିଲେ । ଯାହାଫଳରେ ସେ ରେଭେନ୍‌ସା-ବ୍ଲୁ ଦୁଇ ଥର ପାଇବାରେ ସକ୍ଷମ ହୋଇଥିଲେ । ଏପରିକି ପୋଲଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଥିଲେ । ଫୁଟବଲ ଖେଳପ୍ରତି ତାଙ୍କର ଅତିଶୟ ମୋହର ଅନ୍ୟ ଏକ ଉଦାହରଣ ୧୯୬୧-୬୨ ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସେ ଆରମ୍ଭ କରିଥିଲେ । କେବଳ ସେତିକି ନୁହେଁ ଓଡିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ । ଏଥିସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି ତାହା ପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି ।

ଏହି ପ୍ରବାଦପୁରୁଷଙ୍କ ଦେହାବସାନ ହେଲା ୧୯୯୭ ମସିହା ଏପ୍ରିଲ ୧୭ ତାରିଖରେ । କେବଳ ଆମ ରାଜ୍ୟ ନୁହେଁ, "ଇଣ୍ଡିଆ ଟୁ ଇଣ୍ଡୋନେସିଆ" ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ କୁଶଳତା ପରିବ୍ୟାପ୍ତ ଥିଲା । ୧୯୯୭ ମସିହା ଏପ୍ରିଲ ୧୭ ତାରିଖ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷକୁ ଶୋକାଚ୍ଛାଶରେ ଭରିଦେଇଥିଲା ତାଙ୍କରି ବିୟୋଗ । ନବୀନ ନିବାସରୁ ସ୍ୱର୍ଗଦ୍ୱାର ଅଗଣିତ ଶୋକାକୁଳ ଜନତାର ଅଭିନବ ଶୋଭାଯାତ୍ରା, ଲୁହ ଆଉ କୋହର ଏକ ମର୍ମଭେଦୀ ଉଚ୍ଛ୍ୱାସ୍ । ଏହି ଯାତ୍ରାର ମହାନାୟକ ଥିଲେ ସେ । ଆଜି ତାଙ୍କ ୧୦୮ତମ ଜୟନ୍ତୀ ପାଳନ ଅବସରରେ ସେ ଭାରି ମନେପଡୁଛନ୍ତି । ସତରେ ସେ ଥିଲେ ଜଣେ ନିଆରା ଜନନାୟକ ।











ଶତାବ୍ଦୀ ପୁରୁଷଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ପରିବାର ଏବଂ ଜାତୀୟ ସ୍ତରର ନେତୃବୃନ୍ଦଙ୍କ ସହ କେତେକ ବିରଳ ଫଟୋଚିତ୍ର

## ସଂଗ୍ରାମର ଜୀବନ୍ତ ଆଲେଖ୍ୟ:ବିଜୁ ବାବୁ



ପ୍ରେମାନନ୍ଦ ପାଣିଗ୍ରାହୀ
ମୋ-୯୪୩୭୭୨୯୩୮୪

ସ୍ୱତନ୍ତ୍ର ଭାରତ ଗଠନରେ ସ୍ୱାଧୀନତା ସଂଗ୍ରମୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଅତୁଳନୀୟ ଅବଦାନ ରହିଛି । ଭାରତର ସୁରକ୍ଷା ଅକ୍ଷୁର୍ଣ୍ଣ ରଖିବାକୁ ସେ ଯେକୌଣସି ଭୟଙ୍କର ପରିସ୍ଥିତିକୁ ଅତିକ୍ରମ କରିବାକୁ ସାହସ ରଖୁଥିଲେ । ପ୍ରଚଣ୍ଡ ଇଚ୍ଛାଶକ୍ତି ଏବଂ ଅଦମନୀୟ ଜିଦ ବଳରେ ସେ ଅସମ୍ଭବକୁ ସମ୍ଭବ କରିବାକୁ ଚେଷ୍ଟା କରୁଥିଲେ ଓ ଅଧିକାଂଶ କ୍ଷେତ୍ରରେ ସଫଳ ବି ହେଉଥିଲେ । ରାଜନୀତି ଥିଲା ତାଙ୍କ ପାଇଁ ସେବା,ସଂଗ୍ରାମ ଓ ବିକାଶର ମାଧ୍ୟମ । ଦୀର୍ଘ ପଚାଶ ବର୍ଷ ଧରି ଓଡିଶାର ରାଜନୈତିକ ଦୃଶ୍ୟପଟ୍ଟକୁ ସେ ପ୍ରଭାବିତ କରିଥିଲେ । ଏକ ସମୟରେ ଦେଶର ଶୀର୍ଷ ରାଜନୈତିକ ନେତୃତ୍ୱଙ୍କ ନେତା ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିବାକୁ ସକ୍ଷମ ହୋଇଥିଲେ । ଆକାଶରେ ଉଡୁଥିବା ଉଡାଜାହାଜକୁ ଦେଖି ଉଡାଜାହାଜରେ ଆକାଶରେ ଉଡି ବୁଲିବାକୁ ତାଙ୍କର ଇଚ୍ଛା ହେଉଥିଲା । ନିଜେ ପାଇଲଟ ହେବା ସହ ଓଡିଶାରୁ ବହୁ ସଂଖ୍ୟାରେ ପାଇଲଟ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ଥିଲା । ସ୍କୁଲ ଜୀବନରୁ ବିଜୁବାବୁ ବିମାନ ଚଳାଇବାକୁ ଆକର୍ଷିତ ହୋଇଥିଲେ । ତେବେ ଏଥିପାଇଁ ତାଙ୍କ ବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଘନିଷ୍ଠ ବନ୍ଧୁ ଅମର ଦେ ତାଙ୍କୁ ଉତ୍ସାହିତ କରିଥିଲେ । କଲେଜ ପାଠପଢା ଛାଡି ବିଜୁବାବୁ ଦିଲ୍ଲୀର ଫ୍ଲାଇଙ୍ଗ କ୍ଲବରେ ଯୋଗ ଦେଇଥିଲେ ଏବଂ ଏରୋନଟିକାଲ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ତାଲିମ ପାଇଥିଲେ । ପ୍ରତ୍ୟେକ ଆହ୍ୱାନକୁ ସାମ୍ନା କରିବାର ଅଦମ୍ୟ ସାହସ ତାଙ୍କ ଠାରେ ଥିଲା । ବ୍ରିଟିଶ ଶାସନ କାଳରେ ସେ ରୟାଲ ଇଣ୍ଡିଆନ ଏୟାର ଫୋର୍ସରେ କାର୍ଯ୍ୟ ଆରମ୍ଭ କରିଥିଲେ । ଭାରତର ଏକମାତ୍ର ଅନ୍ତର୍ଦେଶୀୟ ବିମାନ ସଂସ୍ଥାରେ ମୁଖ୍ୟ ପାଇଲଟ ଭାବେ କାମ କରି ମଧ୍ୟ ଭାରତର ସ୍ୱତନ୍ତ୍ରତା ସେନାନୀ ଜୟପ୍ରକାଶ ନାରାୟଣ,ଅରୁଣା ଆସଫ ଅଲ୍ଲୀ,ରାମ ମନୋହର ଲୋହିଆ,ଅଚ୍ୟୁତ ପଟ୍ଟବର୍ଦ୍ଧନ ଓ ଅନ୍ୟମାନଙ୍କୁ ଗୁପ୍ତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଉଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଗୁପ୍ତ ଅସ୍ତ୍ର ସାଜି ସେ ଅନେକ ଥର ଇଂରେଜମାନଙ୍କ ଯୋଜନାକୁ ଭଣ୍ଡୁର କରିଥିଲେ । ଦେଶଭକ୍ତଙ୍କୁ ସହାୟତା ଯୋଗାଉଥିବା ଜଣାପଡିବା ପରେ ଦିଲ୍ଲୀ କର୍ତ୍ତୃପକ୍ଷ ବିଜୁବାବୁଙ୍କୁ ଗିରଫ କରିଥିଲେ । ବିଜୁବାବୁ ଜେଲରେ ଥିବା ସମୟରେ ତାଙ୍କର ପାଇଲଟ ଲାଇସେନ୍ସକୁ ରଦ୍ଦ କରିଦିଆଯାଇଥିଲା । ତେବେ ଜେଲରୁ ମୁକୁଳିବା ପରେ କମର୍ସିଆଲ ପାଇଲଟ ଲାଇସେନ୍ସକୁ ନବୀକରଣ କରି କଳିଙ୍ଗ ଏୟାରଲାଇନ୍ସ ଗଢିବାକୁ ପ୍ରୟାସ କରିଥିଲେ । ନିଜେ ଏକ ଡାକୋଟା ବିମାନ କିଣି ଏହାର ଅୟମାରମ୍ଭ କରିଥିଲେ । ଭାରତବର୍ଷର ସ୍ୱାଧୀନତା ଓ ଭାରତବର୍ଷର ଅଖଣ୍ଡତା ପ୍ରତି ବିଜୁବାବୁଙ୍କ ଅବଦାନ ଅବିସ୍ମରଣୀୟ । ପଡିଆରେ ଫୁଟବଲ ଖେଳିବା ଠାରୁ ଆରମ୍ଭ କରି ଆକାଶରେ ଉଡାଜାହାଜ ଉଡାଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ଧୁରନ୍ଧର । ଭାରତର ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଇଣ୍ଡୋନେସିଆର ମୁକ୍ତି ଆନ୍ଦୋଳନ,ଜାମ୍ମୁକାଶ୍ମୀରର ସୁରକ୍ଷା ଓ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ସବୁଥିରେ ଏହି ବରପୁତ୍ରଙ୍କର ଦୁର୍ବାର ସାହସ ଏବଂ ଅଦମନୀୟ ନେତୃତ୍ୱର ପଦଚିହ୍ନ ରହିଛି ।

୧୯୪୬ ମସିହାରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଥିବା ଏକ ସମ୍ମିଳନୀରେ ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ ଓ ପ୍ରଧାନମନ୍ତ୍ରୀ ସୁଲତାନ ଶାହରିୟର ଯୋଗଦେବାର ଥିଲା । କିନ୍ତୁ ତାହା ଅସମ୍ଭବ ଥିଲା । କାରଣ ଇଣ୍ଡୋନେସିଆର ଆକାଶପଥ ଡଚ୍‌ମାନଙ୍କ ଅଧିକାରରେ ରହିଥିଲା । ବିଜୁବାବୁଙ୍କ ସାହସ ଓ ସ୍ପର୍ଦ୍ଧା ବିଷୟରେ ଅବଗତ ଥିବା ପ୍ରଧାନମନ୍ତ୍ରୀ ନେହେରୁ ତାଙ୍କୁ ଏଥିରେ ନିୟୋଜିତ କରାଇଥିଲେ । ବିଜୁବାବୁ ଓ ତାଙ୍କ ପତ୍ନୀ ଜ୍ଞାନଦେବୀ ଗୋଟିଏ ଡାକୋଟା ବିମାନରେ ୧୯୪୭ ଜୁଲାଇ ୨୨ରେ ଜାଭା ଉଡିଯାଇ ଶାହରିୟରଙ୍କୁ ସିଙ୍ଗାପୁର ଦେଇ ଭାରତରେ ୨୪ ତାରିଖରେ ଆଣି ପହଞ୍ଚାଇଥିଲେ । ଏହି ଘଟଣାଟା ତାଙ୍କୁ ସମଗ୍ର ବିଶ୍ୱରେ ପରିଚୟ କରାଇଥିଲା ଜଣେ ଦୁର୍ଦ୍ଧର୍ଷ ପାଇଲଟ ଭାବେ । ଇଣ୍ଡୋନେସିଆ ସରକାର ତାଙ୍କ ଅବଦାନକୁ ସ୍ମରଣ କରି ପରବର୍ତ୍ତୀ ସମୟରେ ତାଙ୍କୁ ସମ୍ମାନଜନକ ନାଗରିକ ଭାବେ ଗ୍ରହଣ କରିଥିଲେ ଏବଂ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ପ୍ରଦାନ କରିଥିଲେ । ଇଣ୍ଡୋନେସିଆ ସରକାରଙ୍କ ପକ୍ଷରୁ ସେ ଭୂମିପୁତ୍ର ଓ ବିଂଟ୍ୟାଙ୍ଗ ଜାସା ଉତାମା ଜାତୀୟ ସମ୍ମାନରେ ଭୂଷିତ ହୋଇଥିଲେ । ୧୯୪୭ ଅକ୍ଟୋବରରେ ବିଜୁବାବୁ ତାଙ୍କର ସାହସିକତା ପୁଣି ପ୍ରଦର୍ଶନ କରିଥିଲେ । ଦେଶ ସ୍ୱାଧୀନତା ପରେ ପାକିସ୍ତାନର ଆକ୍ରମଣକୁ ପ୍ରତିହତ କରି କାଶ୍ମୀରକୁ ବଞ୍ଚାଇଥିଲେ । ଯେତେବେଳେ ପାକିସ୍ତାନ ସେନା କାଶ୍ମୀର ଦଖଲ କରିବାକୁ ମାଡି ଆସିଥିଲା,ସେତେବେଳେ ବିଜୁବାବୁ ଭାରତୀୟ ସେନାକୁ ନେଇ ନିଜେ ବିମାନ ଚଳାଇ ଶ୍ରୀନଗରରେ ଓହ୍ଲାଇଥିଲେ । ବିପଜ୍ଜନକ ଅବସ୍ଥାରେ ବିମାନକୁ ନିମ୍ନାଭିମୁଖୀ କରାଇ ଆକ୍ରମଣକାରୀମାନେ ଅଛନ୍ତିକି ନାହିଁ ସେକଥା ଜାଣିବା ପରେ ବିମାନ ବନ୍ଦରରେ ବିମାନ ଅବତରଣ କରାଇଥିଲେ । ପାକିସ୍ତାନ କାଶ୍ମୀର ଦଖଲ କରିପାରିନଥିଲା । ଭାରତର ସେହି ସ୍ୱର୍ଗୀୟ ଭୂଖଣ୍ଡ ଭାରତର ହୋଇ ରହିଥିଲା । କାଶ୍ମୀରକୁ ବଞ୍ଚାଇବାକୁ ବିଜୁବାବୁ ଯେ କେବଳ ଦୁଃସାହସ ପ୍ରଦର୍ଶନ କରି ଭାରତୀୟ ସେନାଙ୍କୁ ନେଇ ଶୀନଗରରେ ଓହ୍ଲାଇଥିଲେ ତାହା ନୁହେଁ;୧୯୬୨ ମସିହାରେ ଚୀନ ସହ ଭାରତର ଯୁଦ୍ଧ ବେଳେ ଭାରତରେ ରହୁଥିବା ତିବ୍ବତୀୟ ଶରଣାର୍ଥୀମାନଙ୍କୁ ନେଇ ଏକ ଗୋପନୀୟ ବାହିନୀ ସ୍ପେଶାଲ ଫ୍ରଣ୍ଟିୟର ଫୋର୍ସ ଗଠନ ପାଇଁ ତତକାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ପ୍ରସ୍ତାବ ଦେଇଥିଲେ ,ଯଦ୍ୱାରା ଭାରତ ସେହି ରଣନୀତିରେ ସଫଳତା ପାଇଥିଲା । କେବଳ ୧୯୬୨ ନୁହେଁ ପରବର୍ତ୍ତୀ ପ୍ରତ୍ୟେକଟି ଯୁଦ୍ଧରେ ସ୍ପେଶାଲ ଫ୍ରଣ୍ଟିୟର ଫୋର୍ସ ଭାରତ ପାଇଁ ବିଜୟ ଅସ୍ତ୍ର ହୋଇପାରିଥିଲା । ତେଣୁ ଦେଶର ବୈଦେଶିକ ନୀତି ତଥା ପ୍ରତିରକ୍ଷା କ୍ଷେତ୍ରରେ ବିଜୁବାବୁଙ୍କ ପ୍ରତ୍ୟେକ କଥାକୁ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ସମ୍ମାନ ଦେଉଥିଲେ । ବିଜୁବାବୁଙ୍କର ସାହସୀକତାର ପ୍ରତୀକ ତାଙ୍କ ଡାକୋଟା ବିମାନ । ଗତ ୨୦୨୩ ମାର୍ଚ୍ଚ-୫ ତାରିଖରେ ଏହି ବିମାନକୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରେ ସାଧାରଣରେ ପ୍ରଦର୍ଶନ କରାଯାଇଛି । ବିଜୁବାବୁ ହେଉଛନ୍ତି ଦେଶର ଏକମାତ୍ର ନେତୃତ୍ୱ ଯାହାଙ୍କ ମରଶରୀର ଉପରେ ଭାରତ,ଋଷ,ଇଣ୍ଡୋନେସିଆ ଦେଶର ଜାତୀୟ ପତାକା ଶୋଭା ପାଉଥିଲା । ବିଜୁ ବାବୁ କେବଳ ଓଡିଶାର ଗୌରବ ନୁହେଁ, ଜାତୀୟ ସ୍ତରରେ ତାଙ୍କର ରାଜନୈତିକ ପ୍ରତିଷ୍ଠା ତତ୍କାଳୀନ ନେତାମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା । କିନ୍ତୁ ବିଜୁବାବୁଙ୍କୁ ଭାରତ ରତ୍ନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଇ ନାହିଁ । ଦେଶ ପ୍ରତି ବିଜୁ ବାବୁଙ୍କର ନିଷ୍ଠାକୁ ସମ୍ମାନ ଜଣାଇ ଭାରତ ରତ୍ନ ପ୍ରଦାନ କରାଯିବା ଆବଶ୍ୟକ ।




## ବିଜୁଙ୍କ ସ୍ୱପ୍ନର ଓଡ଼ିଶା



କବିତା ମିଶ୍ର
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ନିଳାଦ୍ରୀ ବିହାର, ଭୁବନେଶ୍ୱର-୨୧
ମୋ- ୯୯୩୭୦୩୩୭୫୦

ଅତୀତରେ ଆମ ଓଡିଶାର ନାମ ଥିଲା କଳିଙ୍ଗ । ପ୍ରାଚୀନ ଭାରତରେ ସେ ଥିଲା ସୁ ସମୃଦ୍ଧ ଏବଂ ଶକ୍ତିଶାଳୀ ରାଜ୍ୟ । ସବୁ କ୍ଷେତ୍ରରେ ତାର ବିଜୟବାନା ଫରଫର ହୋଇ ଉଡୁଥିଲା । ଏହି କଳିଙ୍ଗବାସୀ ମହା ପରାକ୍ରମୀ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିପାରିଥିଲା । କେତେ ବୀର ଯୋଦ୍ଧା ମହାପୁରୁଷ ଏହି ଓଡ଼ିଶା ମାଟିରେ ଧରାବତରଣ କରି ଯୁଗ ଯୁଗ ପାଇଁ ବିଶ୍ୱ ଦରବାରରେ ସ୍ମରଣୀୟ ହୋଇପାରିଛନ୍ତି । ଠିକ୍ ସେମିତି ଦେଶ ବିଦେଶରେ କଳିଙ୍ଗର ବିକାଶ ପାଇଁ ଜଣେ ନୂତନ କଳିଙ୍ଗ ବୀର ଆବିର୍ଭୂତ ହୋଇଥିଲେ ଏଇ ଧରା ପୃଷ୍ଠରେ ।

୧୯୧୬ ମସିହା ମାର୍ଚ୍ଚ ମାସ ୫ ତାରିଖ ଓଡ଼ିଶା ଇତିହାସରେ ଏକ ଅବିସ୍ମରଣୀୟ ଦିବସ । ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ମାତା ଆଶାଲତା ଦେବୀଙ୍କ କୋଳ ଅଳଂକୃତ କରି ଭୂମିଷ୍ଠ ହୋଇଥିଲେ ଆମର ଜନଗଣର ମହାନାୟକ ବିଜୟାନନ୍ଦ ପଟ୍ଟନାୟକ । ତାଙ୍କୁ ଖୁସିରେ ସମସ୍ତେ ବିଜୁ ପଟ୍ଟନାୟକ ଡାକୁଥିଲେ । ଭାଇ ଭଉଣୀଙ୍କ ସହିତ ତାଙ୍କ ଘର ପାଖରେ ମିଶନ୍ ସ୍କୁଲରେ ସେ ବିଦ୍ୟାରମ୍ଭ କରିଥିଲେ । ପାଠପଢ଼ା ସହିତ ଖେଳ, କସରତ, ନଦୀ ପହଁରା ଆଦିରେ ସେ ବେଶ୍ ଦକ୍ଷତା ଅର୍ଜନ କରିପାରିଥିଲେ । ମିଶନ୍ ସ୍କୁଲରୁ ପାଠପଢ଼ା ପରେ ରେଭେନ୍‌ସାଏ କଲିଜିଏଟ୍ ସ୍କୁଲରେ ପାଠ ପଢ଼ିଲେ । ବିଜୁ ପଟ୍ଟନାୟକ ଜଣେ ଦୁଃସାହସୀ ବ୍ୟକ୍ତି ଭାବରେ ଉଭା ହେବେ, ତାହା ତାଙ୍କ ଛାତ୍ର ଜୀବନରୁ ହିଁ ମିଳିଥିଲା ।

ପ୍ରଥମ ମହାଯୁଦ୍ଧ ପରର ବିଂଶ ଶତାବ୍ଦୀର କଥା, କଟକର ବାଲିଯାତ୍ରା ପଡିଆରେ ଗୋଟିଏ ଉଡାଜାହାଜ ଆସି ଅବତରଣ କରିଥାଏ । ଉଡାଜାହଜ ଦେଖିବା ପାଇଁ ଧାଡି ଲାଗିଲା ଲୋକଙ୍କର । ସ୍କୁଲ ଛାଡି ପିଲାମାନେ ଧାଇଁଗଲେ । ସମସ୍ତେ ଉଡାଜାହାଜ ଦେଖିବାକୁ ବ୍ୟାକୁଳ । ପୋଲିସ୍ ହାତରେ ଲାଠିଧରି ଲୋକଙ୍କୁ ଆଗକୁ ଯିବାକୁ ବାରଣ କରୁଥାନ୍ତି । ବିଜୁ ପୁଲିସ୍ କର୍ଡନ ଭାଙ୍ଗି ଉଡାଜାହାଜ ଇଞ୍ଜିନ୍ ପାଖରେ ହାଜର । ଇଞ୍ଜିନ୍ ଦେଖିଲା ପରେ ଉଡାଜାହାଜ ଡେଣାରେ ହାତମାରି ଦେଖିଲେ । ପୋଲିସ୍ ତାଙ୍କୁ ଲାଠିରେ ପିଟିପିଟି ଆଣି ବାହାରେ ଛାଡିଦେଲେ । ସେହିଦିନ ସମସ୍ତଙ୍କ ସମ୍ମୁଖରେ ବିଜୁ ପ୍ରତିଜ୍ଞା କରି କହିଲେ, ମୁଁ ବଡ ହେଲେ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ସେଥିପାଇଁ ମନରେ ଗଭୀର ଆଶା ବାନ୍ଧି ଭବିଷ୍ୟତରେ ନିଜେ ଜଣେ ସୁଦକ୍ଷ ପାଇଲଟ୍ ହୋଇ ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲେ । ନିଜର କଳିଙ୍ଗ ଏୟାରଲାଇନସ୍ ପ୍ରତିଷ୍ଠା କରି ସେ ଚ୍ୟାଲେଞ୍ଜ୍ କରିଥିଲେ ସମଗ୍ର ବିଶ୍ୱବାସୀଙ୍କୁ । ଆମ ଓଡ଼ିଶାର ବିମାନ ବନ୍ଦରକୁ ଆଜି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଏୟାରପୋର୍ଟରେ ନାମିତ କରାଯାଇଛି ।



ବିଜୁ ପଟ୍ଟନାୟକ ଥିଲେ ଓଡିଆମାନଙ୍କର ପରିଚୟ । ଦୀର୍ଘ ୫୦ ବର୍ଷ ଧରି ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ଓ ଜନମାନସକୁ ସେ ପ୍ରଭାବିତ କରିଥିଲେ । ତାଙ୍କର ଦେଶପ୍ରେମ, ଦୁଃସାହସିକତା, ଓଡ଼ିଶା ପ୍ରତି ଗଭୀର ଅନୁରକ୍ତି ତାଙ୍କୁ ଲୋକଙ୍କ ମଧ୍ୟରେ ବାନ୍ଧି ରଖିଥିଲା । ତାଙ୍କର କର୍ମମୟ ଜୀବନରେ ସେ କେବେ ପରାଜୟ ସ୍ୱୀକାର କରିନାହାନ୍ତି । କେବଳ ଓଡ଼ିଶା ନୁହେଁ, ଇଣ୍ଡୋନେସିଆର ପ୍ରତ୍ୟେକ ନାଗରିକଙ୍କ ପାଇଁ ବିଜୁ ପଟ୍ଟନାୟକ ଏକ ଅଲୌକିକ ଆକର୍ଷଣ । ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଇଣ୍ଡୋନେସିଆ ସରକାର ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଦେଶର ପରମ ମିତ୍ର ରୂପେ ଗ୍ରହଣ କରି ସେ ଦେଶର ଶ୍ରେଷ୍ଠ ସମ୍ମାନ "ଭୂମିପୁତ୍ର" ଉପାଧିରେ ଭୂଷିତ କରିଥିଲେ । ସେ କଳିଙ୍ଗ ବୀର । ଆଧୁନିକ ଓଡ଼ିଶାର ଅଶୋକ ସାଜି ସେ ଏହି ଓଡ଼ିଶା ମାଟିର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ସ୍ୱପ୍ନ ଦେଖିଥିଲେ । ସେ ଅନୁଭବ କରିଥିଲେ, ଶିଳ୍ପର ବିକାଶ ନ ହେଲେ, ଓଡ଼ିଶା ସମୃଦ୍ଧ ହୋଇପାରିବ ନାହିଁ । ସେ ଓଡ଼ିଶାକୁ ଜର୍ମାନୀରେ ପରିଣତ କରିବାକୁ ଚାହୁଁଥିଲେ । ଆନ୍ତର୍ଜାତିକ ସ୍ତରରେ ଶିଳ୍ପ ବିଜ୍ଞାନର ଅଗ୍ରଗତିରେ ସେ ଅଭିଭୂତ ହୋଇପଡିଥିଲେ । ବିଜ୍ଞାନ, ପ୍ରଯୁକ୍ତି, ଯାନ୍ତ୍ରିକ ଏବଂ ଶିଳ୍ପ କ୍ଷେତ୍ରରେ ଆଗେଇ ନ ପାରିଲେ କୌଣସି ଅଞ୍ଚଳ ଆଗେଇ ପାରିବ ନାହିଁ । ଏହି ଲକ୍ଷ୍ୟ ରଖି ସେ ଆରମ୍ଭ କଲେ ଏକ ଶିଳ୍ପ । ତାର ନାମ ରଖିଲେ କଳିଙ୍ଗ ଏଣ୍ଟରପ୍ରାଇଜର୍ସ । ଖୁବ୍ ଅଳ୍ପଦିନ ମଧ୍ୟରେ ଏହା ପ୍ରଗତି ପଥରେ ଆଗେଇଚାଲି ସବୁରି ଦୃଷ୍ଟି ଆକର୍ଷଣ କଲା । ଭାରତୀୟ ଅର୍ଥନୀତିରେ ପ୍ରଭାବ ବିସ୍ତାର କଲା । ପ୍ରଧାନମନ୍ତ୍ରୀ ପଣ୍ଡିତ୍ ଜବାହାରଲାଲ୍ ନେହେରୁଙ୍କର ଶ୍ରଦ୍ଧା ଏବଂ ସଦିଚ୍ଛା ଲାଭ କରି ପାରିଲେ ବିଜୁ ପଟ୍ଟନାୟକ । ତାଙ୍କର ଆଶା ଓ ଅଭିଳାଶ ଥିଲା ଓଡ଼ିଶା ଆଗେଇବ । ସବୁକ୍ଷେତ୍ରରେ ଓଡ଼ିଶା ଶୀର୍ଷରେ ହିଁ ରହିବ । କଳିଙ୍ଗର ଅତୀତ ଗୌରବ ଫେରି ଆସିବ । ଏଇ ପରିପ୍ରେକ୍ଷୀରେ ସେ ପ୍ରତିଷ୍ଠା କରିଥିଲେ, ଓଡ଼ିଶା ଟେକ୍ସଟାଇଲସ୍, କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ରିଫ୍ରାକ୍ଟୋରି ଏବଂ ଆହୁରି ଅନେକ ଛୋଟବଡ ଶିଳ୍ପ କାରଖାନା ।



ଉତ୍କଳମାଟିର ମୂର୍ତ୍ତିକାର, ବିଜୁ ପଟ୍ଟନାୟକଙ୍କର ଅନ୍ୟ ଏକ ସଫଳ ପରିକଳ୍ପନା ହେଉଛି ପାରାଦ୍ୱୀପ ବନ୍ଦର । ତାହା କେବଳ ଦୃଢ଼ ମନୋବୃତ୍ତି ଏବଂ ପ୍ରଗାଢ଼ ଇଚ୍ଛାଶକ୍ତି ଯୋଗୁଁ, ପୂର୍ବ ଭାରତର ସବୁଠାରୁ ଗଭୀରତମ ବନ୍ଦର ରୂପେ ପରିଗଣିତ ହୋଇପାରିଛି । ତାଙ୍କ ସ୍ୱପ୍ନର ଏହି ବନ୍ଦରକୁ ପୂର୍ବ ଭାରତର ପ୍ରବେଶ ଦ୍ୱାର ବୋଲି କୁହାଯାଏ । ପରେ ପରେ ସୁନାବେଡ଼ା ମିଗ୍ ବିମାନ କାରଖାନା, ଇଞ୍ଜିନିୟରିଂ କଲେଜ, ସୈନିକ ସ୍କୁଲ, ରିଜିଓନାଲ କଲେଜ ଏବଂ ବିଭିନ୍ନ ନିଗମ ଆଦି ବିଜୁ ପଟ୍ଟନାୟକଙ୍କର ଅମର କୀର୍ତ୍ତି ରୂପେ ଆଜି ଦଣ୍ଡାୟମାନ । ସେ ଶୟନେ, ସ୍ୱପନେ, ଜାଗରଣେ କେବଳ ଓଡ଼ିଶା କଥା ହିଁ ଚିନ୍ତାକରି, ଏକା ଏକା ଏକଲବ୍ୟ ହୋଇ ପ୍ରତି ଓଡ଼ିଆଙ୍କ ମୁହଁରେ ହସ ଫୁଟାଇବାର ଉଦ୍ୟମ ଜାରି ରଖିଥିଲେ । ଏକଥା ସତ୍ୟ ପ୍ରମାଣିତ ଯେ, ଓଡ଼ିଶା ପାଇଁ ସେ ଯେଉଁ ଅମୂଲ୍ୟ ଦାନ ବାଣ୍ଟି ଯାଇଛନ୍ତି, ତାହା ଆଜି ଓଡ଼ିଶାବାସୀଙ୍କୁ ଉନ୍ନତିର ଶିଖରରେ ପହଞ୍ଚାଇଛି ।

୧୯୯୭ ମସିହା ଏପ୍ରିଲ ୧୭ ତାରିଖରେ ସେହି ଜନନେତା କଳିଙ୍ଗବୀର ପ୍ରବାଦ ପୁରୁଷଙ୍କର ମହାପ୍ରୟାଣ ଘଟିଲା । ସେ ଆଜି ସଂସାର ଛାଡି ଚାଲିଗଲେ ମଧ୍ୟ, ତାଙ୍କର ଆତ୍ମା ଘୁରୁବୁଲୁଛି ଏହି ଓଡ଼ିଶା ମାଟିରେ । ସମସ୍ତଙ୍କ ପାଖରେ ଆଜି ସେ ଅମର । ତାଙ୍କର ଜନପ୍ରିୟତାକୁ ପ୍ରମାଣିତ କରିଦେଲେ ଦେଶବାସୀ । କାରଣ ଓଡ଼ିଶା ନୁହେଁ ସମଗ୍ର ଭାରତବର୍ଷ ନୀରବ ନିଶ୍ଚଳ ହୋଇଗଲା ଦୁଃଖ, ଅନୁଶୋଚନାରେ । ସବୁରି ଶ୍ରଦ୍ଧା, ଅନୁକମ୍ପା ଅଜାଡି ହୋଇ ପଡ଼ିଲା କେବଳ ତାଙ୍କର ଜନପ୍ରିୟତା, ନିଃସ୍ୱାର୍ଥପର ଦେଶସେବା, କର୍ତ୍ତବ୍ୟ ପରାୟଣ, ନିଷ୍ଠା ଏବଂ ଆଦର୍ଶ ପାଇଁ ।

e-paper www.sambadkalika.in
30 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
12 Pages, ₹2.00
• ବର୍ଷ–୩୧ • ସଂଖ୍ୟା–୩୯ • ୫ ମାର୍ଚ୍ଚ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -31 • Issue-39 • 5th March 2024, Tuesday • Bhubaneswar
Licensed to post without pre-payment of postage No- BN-60/22-24

## ଆଇପିଏଲ ୨୦୨୪ : ପାଟ୍ କମିନ୍ସ ହେଲେ ହାଇଦ୍ରାବାଦର ଅଧିନାୟକ








# ଭୋଟ୍ ଫର ନୋଟ୍ ମାମଲାରେ ବନ୍ଧା ହେବେ ବିଧାୟକ ଓ ସାଂସଦ, ଆଉ ମିଳିବନି ଆଶ୍ୱସ୍ତି

**ନୂଆଦିଲ୍ଲୀ, ୪।୩**

ଭୋଟ୍ ଫର ନୋଟ ମାମଲାରେ ବଡ଼ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ । ଏଣିକି ଏହି ମାମଲାରେ ଜନପ୍ରତିନିଧିଙ୍କୁ ଆଉ ଆଶ୍ୱସ୍ତି ମିଳିବନି। ଯେଉଁ ସାଂସଦ ଏବଂ ବିଧାୟକମାନେ ଗୃହରେ ଭୋଟ ଦେବା ପାଇଁ କିମ୍ବା ଭାଷଣ ଦେବା ପାଇଁ ଲାଞ୍ଚ ନେଉଛନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇପାରିବ। ଭୋଟ ବଦଳରେ ନୋଟ ନେଉଥିବା ସାଂସଦ କିମ୍ବା ବିଧାୟକଙ୍କ ପାଇଁ କୌଣସି ଆଇନଗତ ସୁରକ୍ଷା ମିଳିବ ନାହିଁ। ପୂର୍ବରୁ ଦିଆଯାଇଥିବା ନିଷ୍ପତ୍ତିକୁ ରଦ୍ଦ କରି ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି।



ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ସାତ ଜଣିଆ ଖଣ୍ଡପୀଠ ଏହି ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ ଏସ ବୋପାନ୍ନା, ଜଷ୍ଟିସ ଏମ ସୁନ୍ଦରେଶ, ଜଷ୍ଟିସ ପିଏସ ନରସିଂହ, ଜେବି ପରଦିୱାଲ, ଜଷ୍ଟିସ ସଞ୍ଜୟ କୁମାର ଏବଂ ଜଷ୍ଟିସ ମନୋଜ ମିଶ୍ର ଉପସ୍ଥିତ ଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ ୧୯୯୮ରେ ନରସିଂହ ରାଓ ଦେଇଥିବା ନିଷ୍ପତ୍ତିକୁ ବଦଳାଇଛନ୍ତି। ସେତେବେଳେ ୫ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ। ଏବେ କିନ୍ତୁ ୭ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ପୂର୍ବ ରାୟକୁ ବଦଳାଇଛନ୍ତି।

୧୯୯୮ରେ ସୁପ୍ରିମକୋର୍ଟର ପାଞ୍ଚ ଜଣିଆ ଖଣ୍ଡପୀଠ ଦେଇଥିବା ରାୟ ଅନୁସାରେ, ଯଦି ନିର୍ବାଚନ ସମୟରେ କୌଣସି ବିଧାୟକ କିମ୍ବା ସାଂସଦ ଲାଞ୍ଚ କାରବାର କରିଛନ୍ତି, ତେବେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ । ଅଦାଲତଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିଲା। ଗତ ବର୍ଷ ଅକ୍ଟୋବର ୫ରେ ଅଦାଲତ ଏ ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ।

ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ ରାୟ ପ୍ରକାଶ ବେଳେ କହିଛନ୍ତି ଯେ ୧୯୯୮ରେ *(ଭିତର ପୃଷ୍ଠାରେ)*

# ୧୯୯୮ ମସିହାର ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିବା ପରେ ପ୍ରଶଂସା କଲେ ମୋଦି

**ନୂଆଦିଲ୍ଲୀ, ୪।୩**

୧୯୯୮ ମସିହାରେ ହୋଇଥିବା ଏକ ବଡ଼ ନିଷ୍ପତ୍ତିକୁ ସୋମବାର ସୁପ୍ରିମ୍‌କୋର୍ଟ ରଦ୍ଦ କରି ଦେଇଥିବା ବେଳେ ଏହାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ୧୯୯୮ ମସିହାର ରାୟକୁ ନେଇ ଅଦାଲତଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଏକ ଏକ୍ସ ପୋଷ୍ଟରେ ସର୍ବୋଚ୍ଚ ଅଦାଲତଙ୍କର ଏକ ଫଟୋ ପୋଷ୍ଟ କରିବା ସହ କ୍ୟାପ୍ସନରେ ସ୍ୱାଗତମ ବୋଲି ଲେଖିଛନ୍ତି। ଏହା ବ୍ୟତୀତ ସେ ସ୍ୱଚ୍ଛ ରାଜନୀତି ଓ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ଆହୁରି ମଜଭୁତ କରିବ ବୋଲି ଉଲ୍ଲେଖ କରିଛନ୍ତି।



ଉଲ୍ଲେଖଯୋଗ୍ୟ, ୧୯୯୮ ମସିହାରେ ହୋଇଥିବା ଏକ ବଡ଼ ନିଷ୍ପତ୍ତିକୁ ସୋମବାର ଖାରଜ କରିଦେଇଛନ୍ତି ସୁପ୍ରିମ୍‌କୋର୍ଟ । ଏନେଇ ରାୟ ପ୍ରକାଶ କରି ଭାରତର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ଲାଞ୍ଚ ସେତେବେଳେ ସଂପୂର୍ଣ୍ଣ ହୁଏ, ଯେତେବେଳେ ତାହାକୁ ଗ୍ରହଣ କରାଯାଏ। ପ୍ରଧାନ ବିଚାରପତିଙ୍କ ଦ୍ୱାରା ଗଠିତ ଏକ ୭ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଡକାଯାଇ ଏହି ରାୟ ପ୍ରକାଶ ପାଇଛି।

ନୋଟ ଫର ଭୋଟ ମାମଲାରେ ଜନପ୍ରତିନିଧିଙ୍କୁ ଆଉ ମିଳିବନି ଆଶ୍ୱସ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁସାରେ, ଯଦି କୌଣସି ବିଧାୟକ ବା ସାଂସଦ ଟଙ୍କା ନେଇ ଗୃହରେ ଅଭିଭାଷଣ ଦିଅନ୍ତି କିମ୍ବା ଭୋଟ ଦିଅନ୍ତି ତାହେଲେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇପାରିବ। ୧୯୯୮ ମସିହାର ରାୟରେ, ପାଞ୍ଚ ଜଣିଆ ଖଣ୍ଡପୀଠ ନେଇଥିବା ନିଷ୍ପତ୍ତିକୁ ବଦଳାଇ ଦିଆଯାଇଛି।

### ବାରବାଟୀ-କଟକ ନିର୍ବାଚନୀ ଅନିୟମିତତା ମାମଲା

## ମହମ୍ମଦ ମୋକିମଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା କଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ



**କଟକ, ୪।୩ : ନ୍ୟୁଜ୍ ବ୍ୟୁରୋ**

ବାରବାଟୀ-କଟକ ନିର୍ବାଚନୀ ଅନିୟମିତତା ମାମଲାରେ ମହମ୍ମଦ ମୋକିମଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା କରିଛନ୍ତି ଓଡ଼ିଶା *(ଭିତର ପୃଷ୍ଠାରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ରାଜ୍ୟର ଉର୍ଦ୍ଦୁ ଶିକ୍ଷକଙ୍କ ମାସିକ ପାରିଶ୍ରମିକ ୧୫,୦୦୦କୁ ବୃଦ୍ଧି

**ଭୁବନେଶ୍ୱର, ୪।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଗୁଡିକରେ ନିୟୋଜିତ ଉର୍ଦ୍ଦୁ ଶିକ୍ଷକ ଏବଂ ସରକାରୀ ପୂର୍ଣ୍ଣ ଅନୁଦାନ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଉର୍ଦ୍ଦୁ ସମ୍ବଳ ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକକୁ ରାଜ୍ୟ ସରକାର ୭,୪୦୦ ଟଙ୍କାରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । *(ଭିତର ପୃଷ୍ଠାରେ)*



# ବିଏସ୍ଏଫ ଡିଆଇଜିଙ୍କ ଦମ୍ଭୋକ୍ତି, ଦୁଇ ବର୍ଷରେ ଓଡ଼ିଶା ହେବ ନକ୍ସଲ ମୁକ୍ତ

**ଭୁବନେଶ୍ୱର, ୪।୩**
**ନ୍ୟୁଜ୍ ବ୍ୟୁରୋ**

ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ନକ୍ସଲ ମୁକ୍ତ ହେବ ବୋଲି ବିଏସଏଫ ଡିଆଇଜି ସୂଚନା ଦେଇଛନ୍ତି। କନ୍ଧମାଳ, କଳାହାଣ୍ଡି, ବୌଦ୍ଧ ତିନିଟି ଜିଲ୍ଲାରେ ୪୫ କିଲୋମିଟର ମଧ୍ୟରେ ବଡାପଯୁ ଅଞ୍ଚଳରେ ନକ୍ସଲଙ୍କ ଗଡ଼ରେ ସିଓବି କ୍ୟାମ୍ପ ନିର୍ମାଣ ହୋଇଛି । ଆଗକୁ ଆହୁରି ଗୋଟାଏ ନୂଆ କ୍ୟାମ୍ପ ନିର୍ମାଣ ହେବ ।

୨୦୧୦ରେ ଆସିଥିବା ବିଏସଏଫ ୬୫ ନକ୍ସଲଙ୍କୁ ନିପାତ କରିଥିବା ବେଳେ ବିଗତ ୧୪ ବର୍ଷ *(ଭିତର ପୃଷ୍ଠାରେ)*



## ରାଜ୍ୟରେ ୫ଦିନ ପର୍ଯ୍ୟନ୍ତ ବଢ଼ିବନି ତାତି ଆଜି ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା



**ଭୁବନେଶ୍ୱର, ୪।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଲାଗି ରହିବ ଖରାଛାଇର ଖେଳ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବଢ଼ିବନି ତାତି। ବର୍ତ୍ତମାନ ଯେତିକି ତାପମାତ୍ରା ରେକର୍ଡ ହେଉଛି ସେତିକି ମଧ୍ୟରେ ରହିବ ତାତି। ରାଜ୍ୟରେ ଏବେ ଏକ ପଶ୍ଚିମାଝଡ ସକ୍ରିୟ ଥିବାରୁ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ *(ଭିତର ପୃଷ୍ଠାରେ)*

# ପାକିସ୍ତାନ ତୁଳନାରେ ଭାରତର ବେକାରୀ ସମସ୍ୟା ଦୁଇଗୁଣ : ରାହୁଲ ଗାନ୍ଧୀ

**ଗ୍ୱାଲିୟର, ୪।୩**

ଦେଶର ସାଂପ୍ରତିକ ବେକାରୀ ସମସ୍ୟାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ବର୍ତ୍ତମାନ ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛି ଯେ, ପାକିସ୍ତାନ, ବାଂଲାଦେଶ ଏବଂ ଭୁଟାନ ଭଳି ଛୋଟ ଦେଶଙ୍କ ତୁଳନାରେ ଭାରତର ସ୍ଥିତି ଅତ୍ୟନ୍ତ ଜଟିଳ ରହିଛି ବୋଲି ସେ କହିଛନ୍ତି। ଏପରିକି ପାକିସ୍ତାନ ତୁଳନାରେ ଭାରତରେ ବେକାରୀ ସମସ୍ୟା ଦୁଇ ଗୁଣ ଅଧିକ ବୋଲି ରାହୁଲ କହିଛନ୍ତି। ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ରାହୁଲ *(ଭିତର ପୃଷ୍ଠାରେ)*

# ରାଜ୍ୟର ବିଭିନ୍ନ ସହର ମଧ୍ୟରେ ଛୋଟ ବିମାନ ଚଳାଚଳ ପାଇଁ ପ୍ରସ୍ତାବ ଆହ୍ୱାନ

## ପ୍ରଥମ ପର୍ଯ୍ୟାୟରେ ୧୦ ସ୍ଥାନରୁ ଉଡ଼ାଣ ଲକ୍ଷ୍ୟ

**ଭୁବନେଶ୍ୱର, ୪।୩**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରୁ ଜାତୀୟ ଓ ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ଉଡ଼ାଣରେ ଅଭିବୃଦ୍ଧି ଆସୁଥିବା ବେଳେ ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ସହର ମଧ୍ୟରେ ଛୋଟ ବିମାନ ଚଳାଚଳ



ଆରମ୍ଭ ହେବ। ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ଏୟାରଲାଇନ୍ସଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରାଯାଇଛି । ରାଜ୍ୟ ସରକାର ଏଥିପାଇଁ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦେବେ। ଯଦି ବିମାନ ଚଳାଚଳ କମ୍ପାନୀ ଏଥିପ୍ରତି ଆଗ୍ରହ ପ୍ରକାଶ କରନ୍ତି, ତାହେଲେ *(ଭିତର ପୃଷ୍ଠାରେ)*



ଓଡ଼ିଶାର ସ୍ୱର୍ଦ୍ଧିତ ସ୍ୱର-ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ
*(ଭିତର ପୃଷ୍ଠାରେ)*

### ଏକାଳ ପକାଳ



ହଲଚଲ ଟିକେ ହୁଏ ସବୁଆଡେ
ଆଜି ଆସୁଛନ୍ତି ମୋଦୀ
ଉପରେ ସିନା ମୁହଁ ଟାଣ
କମ୍ପନ୍ତି କିନ୍ତୁ ବିରୋଧୀ
ଜନେ ହେଉଛନ୍ତି ଛନ୍ଦି
ଏପଟେ ଚିଲିଚିକେନକୁ
ସେପଟରେ ଚିଲିକୋବି।

# ଲୋକଙ୍କ ସେବା ହିଁ ନବୀନଙ୍କ ପ୍ରଥମ ଓ ଶେଷ କାର୍ଯ୍ୟ



**ଭୁବନେଶ୍ୱର, ୪।୩**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ସର୍ବସ୍ୱ ନୁହଁନ୍ତି। ସେ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ଲୋକଙ୍କ ମଙ୍ଗଳ ପାଇଁ ବିଶେଷକରି ଓଡ଼ିଶାର ବିଭିନ୍ନ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରାଇ ଅଜସ୍ର ପ୍ରଶଂସା ସାଉଁଟିଛନ୍ତି। ଜନସାଧାରଣଙ୍କ ସେବା ହିଁ ତାଙ୍କର ପ୍ରଥମ ଓ ଶେଷ କାର୍ଯ୍ୟ। ସେ ଦୃଷ୍ଟିରୁ ତାଙ୍କ ଉପରେ ଓଡ଼ିଶାର ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ବହୁଗୁଣିତ ହୋଇଛି। ଆଗାମୀ ନିର୍ବାଚନରେ ତାଙ୍କ ଦଳ (ବିଜେଡ଼ି) ସଂଖ୍ୟାଗରିଷ୍ଠତା ହାସଲ କରିବା ସହ



ବିପୁଳ ଭୋଟରେ ବିଜୟୀ ହେବ ଏବଂ ନବୀନ ପଟ୍ଟନାୟକ ପୁନର୍ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି।

ବିଶିଷ୍ଟ ସାମ୍ବାଦିକ ତଥା ବରିଷ୍ଠ ରାଜନୈତିକ ସମୀକ୍ଷକ ପ୍ରଶାନ୍ତ ପଟ୍ଟନାୟକଙ୍କ ଆକଳନ ଅନୁସାରେ ଓଡ଼ିଶାରେ ବିରୋଧୀ ଦଳ ଯେତେ ଯାହା ପ୍ରଚାର କଲେ ବି ତା'ର କୌଣସି ପ୍ରଭାବ ପଡିବ ନାହିଁ। କାରଣ ହେଲା ବିଜୁ ପଟ୍ଟନାୟକଙ୍କ ପୁଅ ବୋଲି ନବୀନ ପଟ୍ଟନାୟକ ଯେଉଁ ପରିଚୟ ଓ ଲୋକପ୍ରିୟତା *(ଭିତର ପୃଷ୍ଠାରେ)*

# ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରି ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ରାତି ୧୦ରେ ଉଠିବ ମହାଦୀପ

**ଭୁବନେଶ୍ୱର, ୪।୩**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୮ ତାରିଖରେ ଜାଗର ପର୍ବ। ଚଳିତ ବର୍ଷ ମହାପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜଙ୍କ ମହାଦୀପ ରାତି ୧୦ଟାରେ ଉଠିବ । ଏହା ସହ ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ମଧ୍ୟ କମିଶନରେଟ ପୁଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ସୋମବାର ଏ ନେଇ ପ୍ରଭୁ ଲିଙ୍ଗରାଜଙ୍କ ମହାଶିବରାତ୍ରି ୨୦୨୪ ନିମନ୍ତେ ପ୍ରସ୍ତୁତି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । କମିଶନରେଟ ପୁଲିସ ପକ୍ଷରୁ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଟ୍ୱିନ ସିଟି ପୁଲିସ କମିଶନର



ସଞ୍ଜୀବ ପଣ୍ଡା , ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ପୂର୍ବତନ ସଭାପତି ବିଜେପି ନେତା ସମୀର ମହାନ୍ତି, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

ଏଥିସହ ବୈଠକରେ ଲିଙ୍ଗରାଜ ମନ୍ଦିରର ସବୁ ସେବାୟତ *(ଭିତର ପୃଷ୍ଠାରେ)*

# ଭିତ୍ତିଭୂମି ସୁଦୃଢ଼ ପାଇଁ ବହୁତ କାମ କରିଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର, ୪/୩ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରତିଷ୍ଠା କରୁଛନ୍ତି ରାଜ୍ୟ ସରକାର । ନୂତନ ଓଡ଼ିଶା ନବୀନ ଓଡ଼ିଶା ପାଇଁ ସବୁ କ୍ଷେତ୍ରରେ ବଳିଷ୍ଠ ଓ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି କରାଯାଉଛି । ରାଜ୍ୟର ଭିତ୍ତିଭୂମିରେ ଆସିଥିବା ରୂପାନ୍ତରଣ ସମ୍ପର୍କରେ ପ୍ରେସମିଟ୍‌ରେ ତଥ୍ୟ ଉପସ୍ଥାପନ କରିଛନ୍ତି ବିଜେଡ଼ି ରାଷ୍ଟ୍ରୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର । ରାଜ୍ୟରେ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆସିଛି । ଉତ୍ତରରୁ ଦକ୍ଷିଣ ଓଡ଼ିଶାକୁ ସଂଯୋଗ କରୁଥିବା ୬୩୫ କିଲୋମିଟରର ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହୋଇସାରିଛି । ବିଗତ ୪ରୁ ୫ବର୍ଷ ଭିତରେ ୨୦୪ଟି ବ୍ରିଜ, ୧୩ଟି ରୋଡ୍ ଓଭର ବ୍ରିଜ, ୧୨ଟି ଚେକ୍ ଡ୍ୟାମ ଏବଂ ୮ ହଜାର ୨୦୭ କିଲୋମିଟର ରାସ୍ତାର ଉନ୍ନତିକରଣ ହୋଇଛି । ଚଳିତ ଆର୍ଥିକ ବର୍ଷରେ ୪୨ଟି ବ୍ରିଜ, ୪ଟି ରୋଡ୍ ଓଭରବ୍ରିଜ, ୧ ହଜାର ୫୯୦ କିଲୋମିଟର ରାସ୍ତାର ଉନ୍ନତିକରଣ କରାଯାଇପାରିଛି । ମାଓ ପ୍ରଭାବିତ ଅଞ୍ଚଳରେ ୬୦୨ କିଲୋମିଟର ରାସ୍ତା ନିର୍ମାଣ କରିଛନ୍ତି ରାଜ୍ୟ ସରକାର । ବିଜୁ ସେତୁ ଯୋଜନାରେ ଗତ ୧୦ ବର୍ଷରେ ୧ ହଜାର ୪୧୫ଟି ବ୍ରିଜ ନିର୍ମାଣ ହୋଇଛି । ଲକ୍ଷ୍ମୀ ଯୋଜନାରେ ପଞ୍ଚାୟତରୁ ସହରକୁ ଯୋଡ଼ାଯାଇପାରିଛି । କଟକରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ବସ୍ ଟର୍ମିନାଲ ଓ ଭୁବେଶ୍ୱରରେ ବାବା ସାହେବ ଭିମରାଓ ଆମ୍ବେଦକର ବସଷ୍ଟାଣ୍ଡ ନିର୍ମାଣ ହୋଇଛି । ମେଟ୍ରୋ ଟ୍ରେନ ପାଇଁ ଭିତ୍ତିସ୍ଥାପନ ହୋଇଥିବାବେଳେ ପରବର୍ତ୍ତୀ ପ୍ରକ୍ରିୟା ଜାରି ରହିଛି ।



ରାଜ୍ୟକୁ ଆସୁଥିବା ନିବେଶକୁ ଲକ୍ଷ୍ୟରେ ରଖି ବିମାନବନ୍ଦରର ଆବଶ୍ୟକତା ପୂରଣ କରାଯାଉଛି । ଭୁବନେଶ୍ୱର ବିମାନବନ୍ଦରରୁ ବିଦେଶକୁ ଡାଇରେକ୍ଟ ଫ୍ଲାଇଟ ଉଡୁଛି। ପୁରୀ ବିମାନବନ୍ଦର ନିର୍ମାଣ ପାଇଁ ଟେଣ୍ଡର ଡକାଯାଇଛି। ମାଲକାନଗିରିକୁ ଭୁବନେଶ୍ୱରରୁ ବିମାନସେବା ଆରମ୍ଭ ହୋଇଥିବାବେଳେ ଉତକେଲା ଓ ରଙ୍ଗେଇଲୁଣ୍ଡା ମଧ୍ୟ ନୂଆ ଆଶା ସୃଷ୍ଟି କରିଛି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତାର ଉନ୍ନତିକରଣ କରାଯାଇଛି । ୫ଟି ମହାନଗର ନିଗମ ସହ ୧୦୯ ସହରରେ ଡ୍ରିଙ୍କ ଫ୍ରମ ଟ୍ୟାପରେ ପାଣି ପହଞ୍ଚିଛି । ଗ୍ରାମାଞ୍ଚଳରେ ମଧ୍ୟ ପାନୀୟ ଜଳ ଯୋଗାଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଜଳସେଚନ କ୍ଷେତ୍ରରେ ଏକାଧିକ ଐତିହାସିକ ପ୍ରକଳ୍ପ ନିର୍ମାଣ କରିଛନ୍ତି ରାଜ୍ୟ ସରକାର । ଶ୍ରୀମନ୍ଦିର ପରିକ୍ରମା, ସମଲେଇ ପ୍ରକଳ୍ପ, ଏକାମ୍ର ପ୍ରକଳ୍ପ ଧାର୍ମିକ କ୍ଷେତ୍ରକୁ ସମୃଦ୍ଧ କରୁଛି । କାକଟପୁର- ଚନ୍ଦ୍ରଭାଗାକୁ ୬ ଲେନ୍ ରାସ୍ତା ନିର୍ମାଣ ହେଉଛି । ଡିଜିଟାଲ ଭିତ୍ତିଭୂମିରେ ମଧ୍ୟ ଓଡ଼ିଶା ଢେର ଆଗକୁ ଯାଇଛି । ୬ଟି ଉପକୂଳ ଜିଲ୍ଲାରେ ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସୂଚନା ପାଇଁ ଭିତ୍ତିଭୂମି ସୁଦୃଢ଼ କରାଯାଇଛି । ଗୋପାଳପୁର ଓ ପାରାଦ୍ୱୀପରେ ଡପଲର ୱେଦର ରାଡାର ଲାଗିଛି। ୨୫ ଜିଲ୍ଲାରେ ୮୩୭ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିବାବେଳେ ୨୯ଟି ନିର୍ମାଣ ହେଉଛି । ୭ ହଜାରରୁ ଅଧିକ ବର୍ଷା ଜଳ ପରିମାପକ ଯନ୍ତ୍ରର ବ୍ୟବସ୍ଥା କରାଯାଇଛି । କଳିଙ୍ଗ ଷ୍ଟାଡିୟମରେ ଦକ୍ଷିଣ ଏସିଆର ସର୍ବଶ୍ରେଷ୍ଠ ଇନଡୋର ଆଥଲେଟିକ ଷ୍ଟାଡିୟମ ସହ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ହୋଇଛି । କ୍ରୀଡ଼ା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଭିତ୍ତିଭୂମି ପ୍ରସ୍ତୁତ କରାଯାଇ । ୮୩ଟି ଓଲଡେଜ୍ ହୋମ୍ ନିର୍ମାଣ କରିଛନ୍ତି ରାଜ୍ୟ ସରକାର । ଫାଇଭ-ଟି ଉପକ୍ରମରେ ନୂତନ ଓଡ଼ିଶା ନବୀନ ଓଡ଼ିଶା ପାଇଁ ନୂଆ ଯୋଜନା ଅଣାଯାଉଛି ।




ଭୁବନେଶ୍ୱର : ଜୟନ୍ତୀ ପାଳନର ଅବ୍ୟବହିତ ପୂର୍ବରୁ ଫରେଷ୍ଟ ପାର୍କରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଜଣେ କର୍ମଚାରୀ ସଫା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ୩୦୪୭ ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳିତ ଭାବେ ସାରିଲା ମାଟ୍ରିକ ପରୀକ୍ଷା

**କଟକ, ୦୪/୦୩ ନ୍ୟୁଜ ବ୍ୟୁରୋ**

ସରିଲା ୨୦୨୪ର ମାଟ୍ରିକ ପରୀକ୍ଷା । ଶିକ୍ଷା ବର୍ଷ ୨୦୨୩-୨୪ ପାଇଁ ଫେବୃୟାରୀ ୨୦ରୁ ଆରମ୍ଭ ହୋଇଥିଲା ମାଟ୍ରିକ ପରୀକ୍ଷା । ଶେଷ ଦିନରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀ । ଶେଷ ପରୀକ୍ଷାରେ ଥିଲା ସାମାଜିକ ବିଜ୍ଞାନ ବା ଇତିହାସ ଓ ଭୂଗୋଳ। ନିର୍ଦ୍ଧାରିତ ସମୟରେ ପରୀକ୍ଷା ସରିଥିଲା ଓ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରୁ ବାହାରିଥିଲେ । ଶେଷ ପରୀକ୍ଷା ସାରି କେନ୍ଦ୍ରରୁ ବାହାରିବା ପରେ ପରୀକ୍ଷାର୍ଥୀ ମାନଙ୍କର ମନରେ ନାହିଁ ନଥିବା ଖୁସି




ଦେଖିବାକୁ ମିଳିଥିଲା । ଶେଷ ପରୀକ୍ଷାରେ ମଧ୍ୟ ଭଲ ପ୍ରଦର୍ଶନ କରିଥିବା ନେଇ କହିଛନ୍ତି ପରୀକ୍ଷାର୍ଥୀମାନେ । ସେପଟେ ଚଳିତବର୍ଷ ମାଟ୍ରିକର ଶେଷ ପରୀକ୍ଷା ସୁରୁଖୁରୁରେ ସମାପ୍ତ ହୋଇଛି ବୋଲି ସ୍ପଷ୍ଟ କରିଛି ବୋର୍ଡ । ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଶେଷ ପରୀକ୍ଷାରେ କୌଣସି ସ୍ଥାନରେ ଅନିୟମିତତା ଅଭିଯୋଗ ଆସିନାହିଁ। ସମସ୍ତ ୩୦୪୭ଟି ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳିତ ଭାବେ ପରୀକ୍ଷା ସମାପ୍ତ ହୋଇଛି। ଏନେଇ ସୂଚନା ଦେଇଛି ମାଧ୍ୟମିକ ଶିକ୍ଷା ପରିଷଦ। ସୂଚନା ଥାଉକି, ଚଳିତବର୍ଷ ୨ ହଜାର ୯୯୧ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୫୧ ହଜାର ୬୧୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ସେହିପରି ୭ ହଜାର ୮୩୧ ପରୀକ୍ଷାର୍ଥୀ ରାଜ୍ୟ ଓପନ ସ୍କୁଲ ସାର୍ଟିଫିକେଟ ଓ ୩ ହଜାର ୩୭ ପରୀକ୍ଷାର୍ଥୀ ମଧ୍ୟମା ପରୀକ୍ଷା ଦେଇଛନ୍ତି । ସେପଟେ ପରୀକ୍ଷାକୁ କପିମୁକ୍ତ କରିବା ପାଇଁ ଏଥର ଇଓ ମାଧ୍ୟମରେ ତଦାରଖ କରାଯାଇଛି । ଶୃଙ୍ଖଳିତ ତଥା କପିମୁକ୍ତ କରିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଥିଲା । ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ସହ ନୋଡାଲ ସେଣ୍ଟରରେ ଇଓ ଅର୍ଥାତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ୟାମେରା ବ୍ୟବହାର କରାଯାଇଛି । ବୋର୍ଡ ମୁଖ୍ୟାଳୟ କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ହିଁ ତା'ଉପରେ ନଜର ରଖିଥିଲା । ଅନ୍ୟପଟେ ଆସନ୍ତା ୧୫ରୁ ଖାତା ଦେଖା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ମାଟ୍ରିକ ବୋର୍ଡ କର୍ତ୍ତୃପକ୍ଷ ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

**ଫୁଲବାଣୀ,୪ ।୩ ନ୍ୟୁଜ ବ୍ୟୁରୋ**

କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସାଂସଦ ଡ. ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଡ. ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା




ପଞ୍ଚାୟତ ଡେ଼ଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଡ. ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ । ସୋମବାର ଦାରିଙ୍ଗିବାଡ଼ିରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟନ କରିବା ସହ ଏସଡ଼ିସି ସାଂସ୍କୃତିକ ଭବନର ଶିଳାନ୍ୟାସ କରିଥିଲେ ଏବଂ ମହିଳାମାନଙ୍କୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ଏଥିସହ ବାମୁଣିଗାଁଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟ ପକ୍ଷରେ ସୋମବାର ଦାରିଙ୍ଗିବାଡ଼ିର ୮ଟି ପଞ୍ଚାୟତର ୫ଶହରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ଯୋଗ ଦେଇଥିଲେ । ଏହି ଅବସରରେ ବ୍ରାହ୍ମଣୀଗାଁଠାରେ ବିଜେଡ଼ି ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ଡ. ସାମନ୍ତ କହିଲେ, ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ଦକ୍ଷତା, ସ୍ୱଚ୍ଛତା, ସୁଶାସନ ଓ ବିକାଶରେ ଅନୁପ୍ରାଣୀତ ହୋଇ ବହୁ ଲୋକ ବିଜେଡ଼ିରେ ଯୋଗ ଦେଉଛନ୍ତି।

## ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଆଇଆଇଟି ମଧ୍ୟରେ ବୁଝାମଣା

# ଦୃଷ୍ଟିବାଧିତଙ୍କ ଗୁଣାତ୍ମକ ଓ ଅନ୍ତର୍ଭୁକ୍ତି ଶିକ୍ଷାକୁ ଗୁରୁତ୍ୱ

**ଭୁବନେଶ୍ୱର, ୪/୩ ନ୍ୟୁଜ ବ୍ୟୁରୋ**

ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଓ ଅନ୍ତର୍ଭୁକ୍ତ ଶିକ୍ଷାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଆଇଆଇଟି-ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ରହି କହିଲେ ଯେ ବୈଷୟିକ ଜ୍ଞାନକୌଶଳର ଉପଯୋଗ କ୍ରମେ, ବିଶେଷ କରି କମ୍ପ୍ୟୁଟର, ଟାବ୍‌ଲେଟ୍ ଓ ସ୍ମାର୍ଟଫୋନ ଇତ୍ୟାଦି ସାହାଯ୍ୟରେ ଦୃଷ୍ଟିବାଧିତମାନେ ସାଧାରଣ ଲୋକଙ୍କ ଭଳି ଲେଖାପଢ଼ା କରିପାରିଲେଣି । ପରଦାରେ ପଢ଼ିବା ପାଇଁ ଉପଯୁକ୍ତ ସଫ୍ଟୱେୟାର ଏବଂ କମ୍ପ୍ୟୁଟରରେ କେତେକ ସଫ୍ଟୱେୟାର ଉପଯୋଗ କରି ଦୃଷ୍ଟିବାଧିତ ବିଦ୍ୟାର୍ଥୀମାନେ ଡିଜିଟାଲ ପୁସ୍ତକ ଏବଂ ଅନ୍‌ଲାଇନ୍ ପାଠ୍ୟବସ୍ତୁ ନିଜ ପସନ୍ଦ ମୁତାବକ ଭାଷାରେ ପଢ଼ିଲେଖି ପାରିବେ । ଏପରି ବୁଝାମଣା ଫଳରେ ରାଜ୍ୟରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଆଧୁନିକ ଉପାୟରେ ବୈଷୟିକ ଜ୍ଞାନକୌଶଳ ସହିତ ଗୁଣାତ୍ମକ ତଥା ଅନ୍ତର୍ଭୁକ୍ତ ଶିକ୍ଷା ସଶକ୍ତ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ।




ବୁଝାମଣା ପତ୍ରରେ ଛାତ୍ରଛାତ୍ରୀମାନଙ୍କୁ କୋଡିଂ, ମାଇକ୍ରୋବିଟ୍, ଥ୍ରୀ-ଡି ପେଣ୍ଟିଂ, ଗେମସ୍ ଓ ଆନିମେସନ, ମୋବାଇଲ୍ ଆପ୍, ଯାନ୍ତ୍ରିକ ଶିକ୍ଷଣ, କୃତ୍ରିମ ବୁଦ୍ଧିମତ୍ତା ଓ ରୋବୋଟିକ୍ସ ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା ପାଇଁ ଉଲ୍ଲେଖ ରହିଛି । ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଟ୍ୟାବ୍ ଓ ସ୍ମାର୍ଟଫୋନ୍ ସାଙ୍ଗକୁ ଅନ୍‌ଲାଇନ୍ ଶ୍ରେଣୀର ବନ୍ଦୋବସ୍ତ ରହିବ । ଏହା ବ୍ୟତୀତ ବୃତ୍ତି ନିମନ୍ତେ ପରାମର୍ଶ, ସଫ୍ଟ ସ୍କିଲ୍, କର୍ମଶାଳା, ବ୍ୟକ୍ତିତ୍ୱ ବିକାଶ, ଡିଜିଟାଲ୍ ପାଠାଗାର, ଅଡ଼ିଓ ବୁକ୍ ବିତରଣ ଇତ୍ୟାଦି ଅନ୍ତର୍ଭୁକ୍ତ ହେବ । ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ କିବୋର୍ଡ ଡିଭାଇସ୍ ଉପଯୋଗ କରାଯିବ । ଏହି ବୁଝାମଣାପତ୍ର ୫ ବର୍ଷ ନିମନ୍ତେ ବଳବତ୍ତର ରହିବ। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ ଯେ ବୁଝାମଣା ପତ୍ରରେ ଉଲ୍ଲିଖିତ ପ୍ରକଳ୍ପର ରୂପାୟନ ପାଇଁ ନିୟମିତ ତଦାରଖ କରାଯିବ । ଆଇଆଇଟି-ଭୁବନେଶ୍ୱର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଚିହ୍ନଟ ହୋଇଥିବା ଆବଶ୍ୟକତା ଅନୁସାରେ ବିଭିନ୍ନ ସହାୟତା ଯୋଗାଇଦେବାରେ ବୈଷୟିକ ପରାମର୍ଶ ଦେବେ । ଅନ୍ତର୍ଭୁକ୍ତ ଶିକ୍ଷା ପାଇଁ ବୃତ୍ତିଗତ ବିକାଶର ବିଭିନ୍ନ ଦିଗଗୁଡ଼ିକୁ ବ୍ୟାପକ କରିବାରେ ଆଇଆଇଟି-ଭୁବନେଶ୍ୱର ସାହାଯ୍ୟ କରିବ। ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କ ତାଲିମ ସମେତ ରେକର୍ଡିଂ ଲାବ୍ ଓ ଆସେସିବୁଲ୍ ଆର୍ଟ ସେଣ୍ଟର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସେଠୀ କହିଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଓ ଆଇଆଇଟି-ଭୁବନେଶ୍ୱର ପକ୍ଷରୁ ସୋନ୍‌ସର୍ଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (ଏସ୍‌ଆରଆଇସି)ର ଡିନ୍ ପ୍ରଫେସର ଦିନକର ପାସ୍‌ଲା ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । କାର୍ଯ୍ୟକ୍ରମରେ ଆଇଆଇଟି – ଭୁବନେଶ୍ୱରର ପ୍ରତିନିଧି ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଟ୍ରକ୍‌ରେ ବିପୁଳ ଗଞ୍ଜେଇ ଚାଲାଣ : ୩ ଗିରଫ

**ଭୁବନେଶ୍ୱର, ୪/୩ ନ୍ୟୁଜ ବ୍ୟୁରୋ**

ଉପରେ ବ୍ୟାଟେରୀ ତଳେ ଗଞ୍ଜେଇ । ଉତ୍ତର ପ୍ରଦେଶ ନମ୍ବର ଥିବା ଏକ ଟ୍ରକକୁ ଜବତ କରିଛି ସ୍ପେଶାଲ ଟାସ୍କଫୋର୍ସ । ଟ୍ରକରେ ବହୁଳ ମାତ୍ରାରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ନେଇ ସୂଚନା ମିଳିଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭୁବନେଶ୍ୱର ରସୁଲଗଡ଼ ଛକରେ ଚଢ଼ଉ କରିଥିଲା ଏସ୍‌ଟିଏଫ୍ । ଗାଡ଼ିରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଥିବାବେଳେ ମାଲକାନଗିରିରୁ ଏହାକୁ ବିହାର ଚାଲାଣ କରାଯାଉଥିବା ଜଣାପଡ଼ିଛି । ତେବେ କେତେ ପରିମାଣର ଗଞ୍ଜେଇ ଚାଲାଣ ହେଉଥିଲା ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଅନ୍ୟପକ୍ଷରେ ବିହାରର ୩ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । କେବେଠାରୁ ଏଭଳି ଚାଲାଣ ହେଉଥିଲା ଓ ନିଶା ଚାଲାଣର ମାଷ୍ଟରମାଇଣ୍ଡ କିଏ ସେ ନେଇ ଖୋଳତାଡ଼ ଚଳାଇଛି ସ୍ପେଶାଲ ଟାକ୍ସ ଫୋର୍ସ ।


## ପ୍ରକାଶ ପାଇବାକୁ ଯାଉଛି...

'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ, ମାର୍ଚ୍ଚ ୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ

**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର ଦାଶ, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।

**ଅନ୍ୟଭାଷାର କଥା :** ଶ୍ରୀମତୀ ସୁପ୍ରଭା ରାୟ , ଶ୍ରୀମତୀ ରେବା ପଟ୍ଟନାୟକ।

**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ସତ୍ୟ ରଞ୍ଜନ ସାହୁ, ଜ୍ୟୋତ୍ସ୍ନା ସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୧୩୬ ଏ ସଂଖ୍ୟାର ମୂଲ୍ୟ ୮୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ଅଙ୍ଗଦାନ କରିଥିବା ଶିଶୁଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଅନ୍ତିମ ବିଦାୟ



**ଭୁବନେଶ୍ୱର, ୪/୩ ନ୍ୟୁଜ ବ୍ୟୁରୋ**

ଅଙ୍ଗଦାନ କରିଥିବା ଶିଶୁଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଅନ୍ତିମ ବିଦାୟ ଦିଆଯାଇଛି। ଭୁବନେଶ୍ୱର କଳ୍ପନା ଅଞ୍ଚଳର ଡାକ୍ତର ବିଶ୍ୱଜିତ ସାହୁଙ୍କ ପୁଅ ସୁବୋଜିତଙ୍କ ଶେଷକୃତ୍ୟ କରାଯାଇଛି। ସୁବୋଜିତଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଛି ଗାର୍ଡ ଅଫ୍ ଅନର । ସତ୍ୟନଗର ଶ୍ମଶାନରେ ପୁଲିସ କମିଶନର ସଞ୍ଜୀବ ପଣ୍ଡା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଓ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ କମିଶନରେଟ ପୋଲିସ ପକ୍ଷରୁ ସୁବୋଜିତଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି । ଏହାପରେ ସତ୍ୟନଗର ଶ୍ମଶାନରେ ସୁବୋଜିତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ପରିବାର ଲୋକଙ୍କ ଉପସ୍ଥିତିରେ ସତ୍ୟନଗର ଶ୍ମଶାନରେ ସୋମବାର ଶୁଭୋଜିତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଭୁବନେଶ୍ୱର କଳ୍ପନା ଅଞ୍ଚଳର ବିଶ୍ୱଜିତ ସାହୁଙ୍କ ୮ ବର୍ଷୀୟ ପୁଅ ଶୁଭୋଜିତ ବିଜେବି ଇଲିଂଶ ମିଡ଼ିୟମ୍ ସ୍କୁଲରେ ପାଠ ପଢୁଥିଲେ। ଗତ ବୁଧବାର ପରୀକ୍ଷା ଦେବାକୁ ଯାଇଥିବା ବେଳେ ହଠାତ୍ ଚେତା ହରାଇ ତଳେ ପଡ଼ି ଯାଇଥିଲେ ଶୁଭୋଜିତ। ତୁରନ୍ତ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ଉନ୍ନତି ଘଟିଥିଲା। ମାତ୍ର ଗତ ଗୁରୁବାର ଡାକ୍ତର ତାଙ୍କୁ ବ୍ରେନ ଡେଡ ଘୋଷଣା କରିଥିଲେ। ପୁଅ ମୃତ୍ୟୁରେ ଭାଙ୍ଗି ପଡ଼ିଥିବା ପରିବାର ଲୋକେ କିନ୍ତୁ ଅନ୍ୟ ଶରୀରରେ ପୁଅ ବଞ୍ଚୁ ବୋଲି ଭାବି ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ଶୁଭୋଜିତ ଶରୀରରୁ କିଡ୍‌ନୀ, ଆଖି, ପାନକ୍ରିୟସ୍, ଲିଭର ପ୍ରମୁଖ ପୃଥକ୍ କରାଯାଇଥିଲା । ପରେ ସବୁ ଅଙ୍ଗକୁ ଗ୍ରୀନ୍ କରିଡରରେ ଏୟାରପୋର୍ଟ ନିଆଯାଇ ଅନ୍ୟ ରାଜ୍ୟକୁ ପଠାଯାଇଥିଲା।

# ଭିଜିଲାନ୍ସ ଜାଲରେ ଅମିନ

**ବଲାଙ୍ଗିର, ୪/୩ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଆଗଲପୁର ତହସିଲର ସେଟେଲମେଣ୍ଟ ଅମିନ। ବଲାଙ୍ଗିର ଜିଲ୍ଲା ଆଗଲପୁର ତହସିଲର ସେଟେଲମେଣ୍ଟ ଅମିନ ସଦାନନ୍ଦ ସାହୁ ସୋମବାର ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ବ୍ୟକ୍ତିଙ୍କୁ ଜମି ପଟ୍ଟା ପ୍ରଦାନ ପାଇଁ ସଦାନନ୍ଦ ସାହୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସଂପୃକ୍ତ ବ୍ୟକ୍ତି ଏ ନେଇ ଅଭିଯୋଗ କଲା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା ଭିଜିଲାନ୍ସ ଟିମ୍। ପୂର୍ବ ଯୋଜନା ମୁତାବକ ଅମିନ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାକୁ ମାଡି ବସିଥିଲେ ଭିଜିଲାନ୍ସ କର୍ମଚାରୀ। ଟଙ୍କା ସହ ଅମିନଙ୍କୁ ଭିଜିଲାନ୍ସ ଧରିବା ପରେ ତାଙ୍କ କାର୍ଯ୍ୟାଳୟ ଓ ଘରେ ଭିଜିଲାନ୍ସ ଛାନଭିନ କରୁଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଶ୍ରୀ ସାହୁ ଅଭିଯୋଗକାରୀଙ୍କ ମ୍ୟୁଟେସନ କେସ ପରେ ପଟ୍ଟା ପାଇଁ ଲାଞ୍ଚ ମାଗିଥିଲେ । ଗତ ବର୍ଷ ଉକ୍ତ ମ୍ୟୁଟେସନ କେସ ହୋଇଥିବା ବେଳେ ଏହାର ପଟ୍ଟା କରିବା ପାଇଁ ଅଭିଯୋଗକାରୀ ଜଣକ ସେଟେଲମେଣ୍ଟ ଅମିନ ଶ୍ରୀ ସାହୁଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀ ସାହୁ ଏଦିଗରେ ପଦକ୍ଷେପ ନେବା ବଦଳରେ ଲାଞ୍ଚ ଆଶାରେ ଦିନ ଗଡାଇ ଚାଲିଥିଲେ ।

# ଆଇପିଏଲ ୨୦୨୪ : ପାଟ୍ କମିନ୍ସ ହେଲେ ହାଇଦ୍ରାବାଦର ଅଧିନାୟକ



**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୪ ପୂର୍ବରୁ ସନରାଇଜର୍ସ ହାଇଦ୍ରାବାଦ ବଡ଼ ନିଷ୍ପତ୍ତି ନେଇଛି । ଦଳ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ପାଟ କମିନ୍ସଙ୍କୁ ନିଜର ନୂତନ ଅଧିନାୟକ ନିଯୁକ୍ତ କରିଛି । ପାଟ କମିନ୍ସ ବର୍ତ୍ତମାନ ଅଧିନାୟକ ଥିବା ଆଡନ ମାରକ୍ରମଙ୍କ ସ୍ଥାନ ନେବେ । ଗତ ସିଜିନରେ ମାରକ୍ରମଙ୍କ ନେତୃତ୍ୱରେ ହାଇଦ୍ରାବାଦ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ନିମ୍ନରେ ଥିଲା । ଦଳ ୧୪ଟି ମ୍ୟାଚ୍‌ରୁ ମାତ୍ର ୪ଟି ଜିତିବାକୁ ସକ୍ଷମ ହୋଇଥିବା ବେଳେ ୧୦ଟିରେ ପରାଜିତ ହୋଇଛି । ଦଳ ପ୍ରଦର୍ଶନରେ ସୁଧାର ଆଣିବା ପାଇଁ ଫ୍ରାଞ୍ଚାଇଜ ଏପରି ନିଷ୍ପତ୍ତି ନେଇଛି ।

ପାଟ କମିନ୍ସଙ୍କୁ ଦଳରେ ରଖିବା ପାଇଁ ହାଇଦ୍ରାବାଦ ଫ୍ରାଞ୍ଚାଇଜ ୨୦ କୋଟି ୫୦ ଲକ୍ଷ ଟଙ୍କାର ମୋଟା ଅଙ୍କ ଖର୍ଚ୍ଚ କରିବାକୁ ପଡ଼ିଥିଲା । ଏମିତିରେ ତାଙ୍କୁ ଅଧିନାୟକ ଭାବେ ନିଯୁକ୍ତ ଦେବା ସ୍ୱାଭାବିକ ଥିଲା । ଗତ ନଅ ମାସ ହେବ କ୍ରିକେଟ ଜଗତରେ ପାଟ କମିନ୍ସଙ୍କ ଯାତ୍ରା ଚମତ୍କାର ରହିଛି । ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଜିତିବା ସହ ଆସେସ୍ ସିରିଜ୍ ବଜାୟ ରଖିବାରେ ସଫଳ ହୋଇଥିଲା । ଏହା ବ୍ୟତୀତ ଅଷ୍ଟ୍ରେଲିଆ ୨୦୨୩ ଦିନିକିଆ କ୍ରିକେଟ ବିଶ୍ୱକପ ଜିତିବାରେ ସଫଳ ରହିଥିଲା ।

କମିନ୍ସଙ୍କୁ ୨୦୨୩ ପାଇଁ ଆଇସିସି କ୍ରିକେଟର ଅଫ ଦ ଇୟର ପୁରସ୍କାରରେ ସମ୍ମାନିତ କରିଥିଲା । ଏହା ସହିତ ଆଇସିସି ଟେଷ୍ଟ ଦଳର ଅଧିନାୟକ ଭାବେ ନିଯୁକ୍ତ କରିଥିଲା । କମିନ୍ସଙ୍କ ନେତୃତ୍ୱ ଦକ୍ଷତାକୁ ଦେଖି ଫ୍ରାଞ୍ଚାଇଜ ଆଶା ରଖିଛି ଯେ, ୨୦୨୪ ସିଜିନରେ ଦଳର ପ୍ରଦର୍ଶନରେ ସୁଧାର ଆସିବ । ସୂଚନାଯୋଗ୍ୟ, ସନରାଇଜର୍ସ ହାଇଦ୍ରାବାଦ ନିଜର ଶେଷ ଟାଇଟଲ ୨୦୧୬ରେ ଡେଭିଡ ୱାର୍ଣ୍ଣରଙ୍କ ନେତୃତ୍ୱରେ ଜିତିଥିଲା ।

# ରଣଜୀ ଟ୍ରଫି : ରେକର୍ଡ ୪୮ତମ ଫାଇନାଲରେ ମୁମ୍ବାଇ

**ମୁମ୍ବାଇ**

ଏକ ଇନିଂସ ଓ ୭୦ ରନ୍‌ରେ ହରାଇବା ସହ ରଣଜୀ ଟ୍ରଫି ୨୦୨୪ର ଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ । ଏହା ସହ ଦଳ ୪୮ ଥର ପାଇଁ ରଣଜୀ ଫାଇନାଲରେ ପ୍ରବେଶ କରିଛି । ପ୍ରଥମ ଇନିଂସରେ ୨୩୨ ରନ୍ ପଛରେ ରହିଥିବା ତାମିଲନାଡୁ ୧୬୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା ।



ମୁମ୍ବାଇ ନିଜର ଅସମାପ୍ତ ସ୍କୋର ୩୫୩/୯ରୁ ଖେଳ ଆରମ୍ଭ କରିବା ସହ ଅନ୍ତିମ ୱିକେଟରେ ଆଉ ୨୫ ରନ୍ ଯୋଡିଥିଲା । ତନୁଶ କୋଟିଆନ ୮୯ ରନ୍‌ରେ ଅପରାଜିତ ରହିଥିଲେ । ମୁମ୍ବାଇ ୧୦୬/୭ ରହିଥିବା ବେଳେ ଶାର୍ଦ୍ଦୂଳ ଠାକୁର କାଉଣ୍ଟର ଆଟାକ୍ କରି ରଣଜୀ ଟ୍ରଫି କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ । ୧୦୪ ବଲ୍ ଖେଳି ସେ ୧୩ ଚୌକା ଓ ୪ ଛକା ସହ ୧୦୯ ରନ୍ କରିଥିଲେ । ତାମିଲନାଡୁ ପକ୍ଷରୁ ସାଇ କିଶୋର ୬ ୱିକେଟ ନେଇଥିବା ବେଳେ କୁଲଦୀପ ସେନ୍ ୨, ସନ୍ଦୀପ ୱାରିୟର ଓ ୱାଶିଂଟନ୍ ସୁନ୍ଦର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

୨୩୨ ରନ୍‌ରେ ଆଗୁଆ ରହିବା ପରେ ମୁମ୍ବାଇ ବୋଲର ପୁନର୍ବାର ଅଗ୍ନି ବର୍ଷା ବୋଲିଂ କରିଥିଲେ । ଶାର୍ଦ୍ଦୂଳ ଠାକୁର ଦୁଇ ଓପନରଙ୍କୁ ପ୍ୟାଭିଲିୟନ ପଠାଇଥିଲେ । ୧୦ ରନ୍‌ରେ ୩ ୱିକେଟ ହରାଇଥିବା ବେଳେ ଦଳ ୫୧.୫ ଓଭରରେ ୧୬୨ ରନ୍‌ରେ ସମସ୍ତ ୱିକେଟ ହରାଇଥିଲା । ଚତୁର୍ଥ ୱିକେଟରେ ବାବା ଇନ୍ଦ୍ରଜିତ(୭୦) ଓ ପ୍ରଦୋଶ ପଲ୍(୨୫)ଙ୍କ ମଧ୍ୟରେ ୭୩ ରନ୍‌ର ଭାଗୀଦାରି ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଜୟ ଶଙ୍କର ୨୪ ଓ ସାଇ କିଶୋର ୨୧ ରନ୍ କରିଥିଲେ । ଏହି ୪ ଖେଳାଳିଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ମୁମ୍ବାଇ ପକ୍ଷରୁ ସାମ୍ସ ମୁଲାନୀ ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ମୋହିତ ଅୱସ୍ଥି, ଶାର୍ଦ୍ଦୂଳ ଠାକୁର ଓ ତନୁଶ କୋଟିଆନ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ ।

# ମହିଳା ପ୍ରିମିୟର ଲିଗ୍ : ଗୁଜରାଟ ଜାଏଣ୍ଟ୍‌ସକୁ ହରାଇ ଟେବୁଲ ଟପ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ

**ବେଙ୍ଗାଲୁରୁ**

ମହିଳା ପ୍ରିମିୟର ଲିଗ୍‌ରେ ଟେବୁଲ ଟପରେ ଦିଲ୍ଲୀ କ୍ୟାପିଟାଲ୍ସ ବେଙ୍ଗାଲୁରୁର ଚୀନସ୍ୱାମୀ ଷ୍ଟାଡ଼ିୟମରେ ଖେଳାଯାଇ ଥିବା ମ୍ୟାଚ୍‌ରେ ଚମକ ପ୍ରଦ ବିଜୟ ହାସଲ କରି ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଛି । ଲିଗ୍ ମୁକାବିଲାରେ ଦଳ ୨୫ ରନ୍‌ରେ ଗୁଜରାଟ ଜାଏଣ୍ଟ୍‌ସକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କ୍ୟାପିଟାଲ୍ସ ୮ ୱିକେଟ୍ ହରାଇ ୧୬୩ରନ୍ ସଂଗ୍ରହ କରିଥିଲା । ଜବାବରେ ଗୁଜରାଟ ୮ ୱିକେଟ୍ ବିନିମୟରେ ମାତ୍ର ୧୩୮ରନ୍ କରିବାକୁ ସକ୍ଷମ ହୋଇଥିଲା । ଜେସ୍ ଜୋନାସେନ ଅଲରାଉଣ୍ଡ୍ ପ୍ରଦର୍ଶନ ଦେଖାଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । କ୍ୟାପିଟାଲ୍ସ ତୃତୀୟ ବିଜୟ ସହ ମୋଟ ୬ ପଏଣ୍ଟ ପାଇଛି । ମୁମ୍ବାଇ ଇଣ୍ଡିଆନ୍ସ ସମାନ ସଂଖ୍ୟକ ପଏଣ୍ଟ ପାଇଥିଲେ ହେଁ ରନ୍ ରେଟ୍ ହାରରେ ଦ୍ୱିତୀୟରେ ରହିଛି ।

ଗୁଜରାଟ ପ୍ରଥମେ ଟସ୍ ଜିତି କ୍ୟାପିଟାଲ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ଜଣାଇଥିଲା । ଓପନିଂ ଯୋଡ଼ି ଶେଫାଳି ବର୍ମା ଓ ମେଗ୍ ଲାନିଙ୍ଗ ୨୦ ରନ୍ ସଂଗ୍ରହ କରିଥିଲେ । ଶେଫାଳି ୧୩ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ । ଏହାପରେ ଆଲିସ୍ କ୍ୟାପ୍‌ସୀ କ୍ରିଜ୍‌ରେ ଯୋଗଦେଇ ଦର୍ଶନୀୟ ସଟ୍‌ମାନ ଖେଳିଥିଲେ । ଦଳୀୟ ସ୍କୋର ୫୮ରେ ବ୍ୟକ୍ତିଗତ ୨୭ ରନ୍ କରି ସେ ଆଉଟ୍ ହୋଇଥିଲେ । ପରବର୍ତ୍ତୀ ବ୍ୟାଟର ଜେମିମା ରୋଡ୍ରିଗ୍ସଙ୍କୁ ସାଥୀ କରି ଲାନିଙ୍ଗ୍ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ । ସେ ୩୯ ବଲ୍‌ରୁ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ହେଲେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ କ୍ୟାଚ୍ ଟେକି ଦେଇଥିଲେ । ଲାନିଙ୍ଗ୍ ୬ଚୌକା ଓ ୧ଛକା ବଳରେ ୫୫ ରନ୍ କରିଥିଲେ । ପରେ ରୋଡ୍ରିଗ୍ସ ୭ରନ୍ କରି ଆଉଟ୍ ହୋଇଥିଲେ । ମଧ୍ୟକ୍ରମରେ ଆନାବେଲ୍ ସୁଦରଲାଣ୍ଡ ୨୦, ଜୋନାସନ୍ ୧୧, ଶିଖା ପାଣ୍ଡେ ଅପରାଜିତ ୧୪ରନ୍ ଯୋଗ କରିବା ଫଳରେ ସ୍କୋର ୮/୧୬୩ ରନ୍‌ରେ ପହଞ୍ଚିଥିଲା । ସେପଟେ ୧୬୪ରନ୍ ବିଜୟ ଲକ୍ଷ୍ୟର ପିଛା କରି ଗୁଜରାଟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମାତ୍ର ୫୩ରନ୍ ମଧ୍ୟରେ ଦଳ ୪ଟି ୱିକେଟ୍ ହରାଇ ଥିଲା । ଲାଉରା ଉଲଭାର୍ଟ ଖାତା ଖୋଲି ପାରି ନଥିବାବେଳେ ଅଧିନାୟିକା ବେଥ୍ ମୁନି ୧୨ ରନ, ଫୋଏବ ଲିଚ୍‌ଫିଲ୍ଡ ୧୫ ରନ୍, ବେଦା କ୍ରିଷ୍ଣମୂର୍ତ୍ତି ୧୨ ରନ ସହଳ ପାଭିଲିୟନ ଲେଉଟି ଥିଲେ । ମଧ୍ୟକ୍ରମରେ ଆସଲି ଗାର୍ଡନର ଲଢୁଆ ୪୦ ରନ କରି ନିଜ ୱିକେଟ ହରାଇଥିଲେ । ନିୟମିତ ୱିକେଟ୍ ପତନ ଯୋଗୁ ଗୁଜରାଟ ଇନିଂସ୍ ୮/୧୩୮ରେ ଅଟକି ଯାଇଥିଲା । ଫଳରେ କ୍ୟାପିଟାଲ୍ସ ସହଜରେ ବିଜୟ ହାସଲ କରିଛି ।

# ଭାରତ-ପାକିସ୍ତାନ ମ୍ୟାଚ୍ : ୧.୮୬ କୋଟିରେ ପହଞ୍ଚିଲା ଟିକେଟ୍ ମୂଲ୍ୟ

**ନୂଆଦିଲ୍ଲୀ**

ଚଳିତ ବର୍ଷ ଆଇସିସି ଟ୍ରଫି ଜିତିବା ପାଇଁ ଭାରତୀୟ ଦଳ ପାଖରେ ଏକ ସୁବର୍ଣ୍ଣ ସୁଯୋଗ ରହିଛି । ଚଳିତ ବର୍ଷ ଜୁନ୍ ମାସରେ ୱେଷ୍ଟଇଣ୍ଡିଜ ଏବଂ ଆମେରିକା ଦ୍ୱାରା ଆୟୋଜିତ ଟି୨୦ ବିଶ୍ୱକପ ଖେଳାଯିବ । ଏଥିରେ ଭାରତୀୟ ଦଳର ପ୍ରଥମ ମ୍ୟାଚ୍ ୫ ଜୁନ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳାଯିବ ।

ଦ୍ୱିତୀୟ ମ୍ୟାଚ୍ ଜୁନ ୯ରେ ପାକିସ୍ତାନ ବିପକ୍ଷରେ ଖେଳାଯିବ । ତୃତୀୟ ମ୍ୟାଚ୍ ଜୁନ୍ ୧୨ରେ ଆମେରିକା ବିପକ୍ଷରେ ହେବ । ଏହି ତିନୋଟି ମ୍ୟାଚ୍ ନ୍ୟୁୟର୍କରେ ଖେଳାଯିବ । ଏହା ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସୁଛି । ଆଇସିସି ଫେବୃଆରୀ ପ୍ରଥମ ସପ୍ତାହରେ ବିଶ୍ୱକପ ମ୍ୟାଚ୍ ପାଇଁ ଟିକେଟ ବିକ୍ରି ଆରମ୍ଭ କରିଛି ।

ଏହି ସମୟ ମଧ୍ୟରେ ଭାରତ ଏବଂ ପାକିସ୍ତାନ ସମେତ ପ୍ରାୟ ସମସ୍ତ ମ୍ୟାଚ୍ ପାଇଁ ଟିକେଟ ବିକ୍ରି ହୋଇଛି । କିନ୍ତୁ ବର୍ତ୍ତମାନ ଖବର ଆସୁଛି ଯେ କିଛି ରିସେଲ ପ୍ଲାଟଫର୍ମରେ ସମସ୍ତ ମ୍ୟାଚ୍‌ର ଟିକେଟ




ପୁଣି ବିକ୍ରି କରିବା ଆରମ୍ଭ କରିଛନ୍ତି । ଏହି ଟିକେଟ୍‌ଗୁଡିକ ଷ୍ଟବ୍ ହବ୍ ଏବଂ ସିଟ୍ ଜିକ୍ ପ୍ଲାଟଫର୍ମରେ ଉପଲବ୍ଧ । କିନ୍ତୁ ଏଥିରେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ୟୁଏସ ଟୁଡେ ଅନୁଯାୟୀ ଭାରତୀୟ ଦଳର ଦୁଇଟି ମ୍ୟାଚ୍ ପାଇଁ ଟିକେଟ ମୂଲ୍ୟ କୋଟିଏ ଛୁଇଁଛି । ଏଥିରେ ଭାରତ ଏବଂ ପାକିସ୍ତାନ ମ୍ୟାଚ୍ ପାଇଁ ଟିକେଟ ମୂଲ୍ୟ ୧.୮୬ କୋଟିରେ ପହଞ୍ଚିଛି ।

ଆଇସିସି ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଟିକେଟ ବିକ୍ରି ସମୟରେ ସର୍ବନିମ୍ନ ଟିକେଟ ମୂଲ୍ୟ ୪୯୭ ଟଙ୍କା ଥିଲା, ଯେଉଁଠାରେ ସର୍ବାଧିକ ମୂଲ୍ୟ ୩୩,୧୪୮ ଟଙ୍କା (ବିନା ଟ୍ୟାକ୍ସ) ରଖାଯାଇଥିଲା । ଏହା ବ୍ୟତୀତ କୌଣସି ଅତିରିକ୍ତ ଶୁଳ୍କ ଆଦାୟ କରାଯାଇନଥିବା କୁହାଯାଇଥିଲା । ତେବେ ଏହି ରିସେଲ ପ୍ଲାଟଫର୍ମରେ ଦିଆଯାଇଥିବା ଭିଆଇପି ଟିକେଟ ମୂଲ୍ୟ ପ୍ରାୟ ୩୩.୧୫ ଲକ୍ଷ ଟଙ୍କା ଥିଲା । ଯଦି ଏହି ରିସେଲ ପ୍ଲାଟଫର୍ମର ଫି ମଧ୍ୟ ଏଥିରେ ଯୋଗ କରାଯାଏ, ଏହାର ମୂଲ୍ୟ ପ୍ରାୟ ୪୧.୪୪ ଲକ୍ଷରେ ପହଞ୍ଚିବ ।

ଏଥି ସହିତ ଷ୍ଟବ୍ ହବ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ସବୁଠାରୁ ଶସ୍ତା ଟିକେଟ ୧.୦୪ ଲକ୍ଷ ଟଙ୍କା ହୋଇଥିବାବେଳେ ସିଟ ଜିକ୍‌ରେ ସବୁଠାରୁ ମହଙ୍ଗା ଟିକେଟ ୧.୮୬ କୋଟି ଟଙ୍କା ରହିଛି, ଯାହାକି ଏହି ପ୍ଲାଟଫର୍ମଗୁଡିକର ଫି ମଧ୍ୟ ରହିଛି । ଆପଣଙ୍କୁ କହିରଖୁ ଯେ ଦିନିକିଆ ବିଶ୍ୱକପ ୨୦୨୩ରେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ସବୁଠାରୁ ମହଙ୍ଗା ଟିକେଟ ୫୭.୧୫ ଲକ୍ଷ ଟଙ୍କା ଥିଲା ।

# ଭଲିବଲ୍ : ଛତିଶଗଡ଼କୁ ହରାଇ ହରିୟାଣା ଚାମ୍ପିୟନ

**ରାଉରକେଲା**

ରାଉରକେଲା ସେକ୍ଟର-୨୦ ସ୍ଥିତ ରାଇଜିଂ ଖେଳ ପଡ଼ିଆରେ ରାଇଜିଂ କ୍ଲବ ପକ୍ଷରୁ ଚାଲିଥିବା ଅଲ୍ ଇଣ୍ଡିଆ ଭଲବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଛତିଶଗଡ଼ ଓ ହରିୟାଣା ମଧ୍ୟରେ ଖେଳାଯାଇଥିଲା । ଏଥିରେ ହରିୟାଣା ଦଳ ଛତିଶଗଡକୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା ।

ଫାଇନାଲ ମ୍ୟାଚ୍‌ରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳ ହରିୟାଣାକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଛତିଶଗଡ଼ ଦଳକୁ ୧୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ ।

ସେହିପରି ପ୍ରତିଯୋଗିତାର ଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ହରିୟାଣାର ରଜତ ଓ ଶ୍ରେଷ୍ଠ ଖେଳାଳି ଭାବେ ଛତିଶଗଡ଼ ଦଳର ଯସ୍‌ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶ୍ରେଷ୍ଠ ସଟ୍‌ର ଭାବେ ତୟାବ ଓ ବିକାଶଙ୍କ ସମେତ ଶ୍ରେଷ୍ଠ ଲିବୋରୋ ଭାବେ ପପୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବୁଢ଼ାରଜା କ୍ରିକେଟ୍ କପ୍ ସେଁପୁର ୨୦୨୪ : କନ୍ତେଶିର ଟିମ୍ ଚାମ୍ପିଅନ୍



**କଳାହାଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସେଁପୁର ଜୟ ଦୁର୍ଗା କ୍ରିକେଟ କ୍ଲବ ତରଫରୁ ବୁଢାରଜା ଖେଳପଡ଼ିଆରେ ୧୮ ତାରିଖରୁ ଆରମ୍ଭ ହୋଇଥିବା ବୁଢାରଜା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ବିଜେଡି ସଭାନେତ୍ରୀ ଲଳିତା ନାଏକ, ସମ୍ମାନିତ ଅତିଥି ଭାବେ ରାଜେଶ ପ୍ରସାଦ ସାହୁ, ପାଣ୍ଡବ ମାଝୀ, ରୋହିତ ଯୁଆଡ଼ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ । ଏଥିରେ କନ୍ତେଶିର ଟିମ୍ ଦିଗଶିରାକୁ ହରାଇ ଚାମ୍ପିଅନ ହୋଇଥିଲା । ଚାମ୍ପିଅନ ଟିମ୍‌କୁ ଟ୍ରଫି ସହିତ ୭୭,୭୭୭ ଟଙ୍କା ଓ ଉପ-ବିଜେତା ଟିମ୍‌କୁ ଟ୍ରଫି ସହ ୪୪,୪୪୪ ଟଙ୍କା ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ ଦ ସିରିଜ୍ ରାଜେଶ ପୁଟେଲଙ୍କୁ ଟ୍ରଫି ସହ ଏଲଇଡ଼ି ଟିଭି ଓ ପ୍ଲେୟର ଅଫ ଦ ମ୍ୟାଚ ରୋହିତଙ୍କୁ ଟ୍ରଫି ସହ ସ୍ମାର୍ଟ ୱାଚ୍ ଦିଆଯାଇଥିଲା । ଏଥିରେ ପ୍ରକାଶ ପାତ୍ର ଓ ଭୀମରାଜ ତାଣ୍ଡି କମେଣ୍ଟ୍ରି କରିଥିବା ବେଳେ ଅମ୍ପାୟାର ବସନ୍ତ ଶବର ଓ ରୋମାଞ୍ଚଳ ଭୋଇ ଥିଲେ । ଜୟ ଦୁର୍ଗା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଯଥା ମାନଗୋବିନ୍ଦ ମାଝୀ (ସଭାପତି), ବାଳକୃଷ୍ଣ ପାରି (ସମ୍ପାଦକ), ନରେନ୍ଦ୍ର ବାଗ (କୋଷାଧ୍ୟକ୍ଷ), ଜନାର୍ଦ୍ଦନ ବାଗ (ଖେଳ ନିର୍ଦ୍ଦେଶକ), ରୋଶନ ମାଝୀ (ଉପ ସଭାପତି), ଅଭିନାଶ ବାଗ (ଯୁଗ୍ମ ସମ୍ପାଦକ), ଜୀବରଧନ ଗହୀର, ଆଲୋକ ଛୁରା, ଶିଶୁପାଳ ବାଗ, ମହେନ୍ଦ୍ର ବଛା, ମନଧର ମାଝୀ, ବରୁଣ ପାରି, ପପୁ ପାରି, ବିକାଶ ବାଗ, ଅମନ ସେଠୀ, ଅଭିଷେକ ବାଗ, ସୁମନ ବାଗ, ମିଥୁନ ପାରି, ପ୍ରତାପ ନାଏକ, ରାଜକୁମାର ହେର୍ଣ୍ଣା, ରୋହିତ ଯୁଆଡ, ସୁରଥ ଗହୀର, ଅନିଲ ମାଝୀ, ପିପା ବାଗ, ସରୋଜ ଯାନୀ ପ୍ରମୁଖ ସହଯୋଗ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗ୍ରାମୀଣ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ବାଲେଶ୍ୱର, ନ୍ୟୁଜ୍**

କଳା ସଂସ୍କୃତି ତଥା ସାହିତ୍ୟର ବିକାଶ ସହିତ କ୍ରୀଡ଼ାକୁ ସର୍ବଜନବିଦିତ ଆଦୃତ ଲାଭ ପାଇଁ ପ୍ରୋତ୍ସାହିତ କରିବାର ପ୍ରୟାସ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ଗ୍ରାମୀଣ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୩-୨୪ର ଆରମ୍ଭ ହୋଇଯାଇଛି । ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ୧୬ଟି ବ୍ଲକ୍‌ରୁ ୧୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଭାସ୍କର ବେହେରାଙ୍କ ସମେତ ସହାୟକ ନିର୍ଦ୍ଦେଶକ ଡକ୍ଟର ଅମିତ କୁମାର ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇ ପ୍ରମୁଖ ଉପସ୍ଥିତ ହୋଇ ସମସ୍ତ ଦଳର



ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦଳର ଅଧିନାୟକଙ୍କୁ ଶୁଭେଚ୍ଛା ଜଣାଇ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାର ବାର୍ତ୍ତା ଦେଇଥିଲେ । ଖେଳର ମହତ୍ତ୍□ ଏହାର ଫଳାଫଳରେ ନଥାଏ ବରଂ ଦଳଗତ ଆଚରଣ ଓ ସକାରାତ୍ମକ ମନୋଭାବ ହିଁ ଏକ କ୍ରୀଡ଼ାବିତ୍‌ର ପ୍ରମୁଖ ଉଦ୍ଦେଶ୍ୟ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

ଗ୍ରାମୀଣ ସ୍ତରରେ ରହିଥିବା ଫୁଟ୍‌ବଲ୍ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଫୁଟ୍‌ବଲ୍ ଖେଳକୁ ନିଜ ବୃତ୍ତି ଭାବରେ ଗ୍ରହଣ କରିବାକୁ ଇଚ୍ଛୁକ ଫୁଟ୍‌ବଲ୍ ପ୍ରେମୀଙ୍କ ନିମନ୍ତେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି ବୋଲି ଡକ୍ଟର ଭାସ୍କର ବେହେରା ନିଜ ଉଦ୍‌ବୋଧନରେ ପ୍ରକାଶ କରିଥିଲେ ।

ନୀଳଗିରି, ବାଲେଶ୍ୱର ସଦର, ବାଲିଆପାଳ, ବସ୍ତା, ରେମୁଣା, ଜଳେଶ୍ୱର, ନୂଆପାଢ଼ୀ, ଓଉପଦା, ସିମୁଳିଆ, ସୋର, ଚତୁରିପଦା, ମଖାପଦା, ବାଲେଶ୍ୱର ମୁନିସପାଲିଟି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଫୁଟ୍‌ବଲ୍ ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିନରେ ୮ଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର କ୍ୱାଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଖେଳାଯିବ । ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନଙ୍କ ସହ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହିଥିଲେ ।

# ଚାନ୍ଦା ଆଦାୟକୁ ନେଇ ଦୁଇ କିନ୍ନର ଗୋଷ୍ଠୀ ମଧ୍ୟରେ ସଂଘର୍ଷ : ୫ ଆହତ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ସାପ୍ତାହିକ ହାଟରେ ଚାନ୍ଦା ଆଦାୟକୁ ନେଇ କିନ୍ନରଙ୍କ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହେବା ଫଳରେ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ମୁଖ୍ୟ ବଜାରରେ । ଏହି ଘଟଣାରେ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ରବିବାର ରାଇଘର ସାପ୍ତାହିକ ହାଟ ହେଉଥିବା ବେଳେ ପ୍ରତି ସପ୍ତାହ ଭଳି କିଛି କିନ୍ନର ହାଟରେ ବୁଲି ବୁଲି ଚାନ୍ଦା ଆଦାୟ କରୁଥିଲେ । ଏହି ପରିପକ୍ଷୀରେ କଳାହାଣ୍ଡିର ଜୟପାଟଣା ଅଞ୍ଚଳରୁ ଦୁଇଜଣ କିନ୍ନର ହାଟରେ ଚାନ୍ଦା ଆଦାୟ କରୁଥିବା ବେଳେ ନବରଙ୍ଗପୁର ଅଞ୍ଚଳର କିଛି କିନ୍ନର ଏହା ଦେଖି ସେମାନଙ୍କୁ ଚାନ୍ଦା ମାଗିବାକୁ ବାରଣ କରିଥିଲେ । ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ଆରମ୍ଭ ହୋଇ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା । ନବରଙ୍ଗପୁର କିନ୍ନର ସଂଘ ପକ୍ଷରୁ ଆଦାୟ କରୁଥିବା ପ୍ରାୟ ୮ ଜଣ କିନ୍ନରଙ୍କ ମାଡ଼ରେ ଜୟପାଟଣାର ଦୁଇଜଣ କିନ୍ନର ଦେବଲୀନା ଓ ଆସୁଅସ୍ଥା ଗୁରୁତର ହୋଇ ପଡ଼ିଥିଲେ । ଉଭୟଙ୍କ ମୁଣ୍ଡ ଫାଟି ସିଲାଇ ପଡ଼ିଥିବା ସହ ସେମାନେ ରାଇଘର ମେଡିକାଲରେ ଚିକିତ୍ସିତ ହୋଇ ଫେରିଥିବା ଜଣାପଡିଛି । ଅନ୍ୟପଟେ ନବରଙ୍ଗପୁର ଗୋଷ୍ଠୀ ମଧ୍ୟରୁ ତିନିଜଣ ମଧ୍ୟ ଆହତ ହୋଇଥିବା ଯୋଗୁଁ ଦୁଇ ଗୋଷ୍ଠି ରାଇଘର ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଏ ନେଇ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ନିଜ



ନିଜ ଜିଲ୍ଲାରେ ଚାନ୍ଦା ଆଦାୟ କରାଯାଉ ବୋଲି ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ପକ୍ଷରୁ ଦାବି କରାଯାଇଥିଲା ।

# ମଦ ପିଇ ଆଖି ବୁଜିଲେ ଦୁଇ ଯୁବକ : ଉତ୍ତ୍ୟକ୍ତ ମହିଳାମାନେ ମଦ ଦୋକାନ ଜାଳିଦେଲେ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଅବାଧରେ ଚାଲିଥିବା ମଦ୍ୟପାନ କରି ଦୁଇଜଣ ଦଳିତ ଯୁବକଙ୍କର ଅକାଳ ମୃତ୍ୟୁ ଘଟିଛି । ଏହି ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ପୁଞ୍ଜିଭୂତ ଅସନ୍ତୋଷ ପାଉଁଶ ତଳର ନିଆଁଭଳି ଭୟଙ୍କର ରୂପ ଧାରଣ କରିଛି । ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ମହିଳା ତାତି ଉଠିଛନ୍ତି । ମହିଳାମାନେ ବେଆଇନଭାବେ ଚାଲିଥିବା ଦୁଇଟି ମଦଦୋକାନକୁ ନିଆଁ ଲଗାଇ ଜାଳିଦେଇଛନ୍ତି । ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି । ନିକଟରେ ସ୍ଥାନୀୟ ବଡ଼ଖିର ଗ୍ରାମର ଦଳିତ ଯୁବକ ମଳୟ ସାମଲ (୪୦) ଓ ନିଶ୍ଚିନ୍ତକୋଇଲିର ଦଳିତ ଯୁବକ କୃଷ୍ଣଚନ୍ଦ୍ର ଦାସ (୫୦) ମଦ୍ୟପାନ କରି ଅକାଳରେ ମୃତ୍ୟୁବରଣ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ




ପାଇଥିଲା । ପ୍ରତିବାଦ ସ୍ୱରୂପ ରବିବାର ମଧ୍ୟାହ୍ନରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଉତ୍ତ୍ୟକ୍ତ ମହିଳା ଠେଙ୍ଗା ବାଡ଼ି ଧରି ବେଆଇନ ଭାବେ ଖୋଲା ଯାଇଥିବା ୩ଟି ମଦଦୋକାନ ମଧ୍ୟରୁ ଦୁଇଟିକୁ ଭାଙ୍ଗିରୁଜି ଦେବା ସହ ନିଆଁ ଲଗାଇ ପୋଡି ଦେଇଥିଲେ । ଏଥିରେ ଦୁଇଟି ଦୋକାନ ସମ୍ପୂର୍ଣ୍ଣ ପୋଡି ଯାଇଥିଲା ବେଳେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇ ଯାଇଥିଲା । ସ୍ଥାନୀୟ ଲୋକେ ଘଟଣା ଦେଖୁଥିଲେ ମଧ୍ୟ କୌଣସି ପ୍ରତିବାଦ କରିନଥିଲେ । ତେବେ ଅନ୍ୟ ଏକ ଦୋକାନର ମାଲିକ ମହିଳାଙ୍କ ଗୋଡତଳେ ପଡି କ୍ଷମାଭିକ୍ଷା କରିବା ସହ ସେ ଆଉ ଦୋକାନ ଖୋଲିବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ଯୋଗୁଁ ମହିଳାମାନେ ତାଙ୍କୁ ଛାଡ଼ି ଦେଇଥିଲେ । ତେବେ ଖବର ପାଇଁ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଦୋକାନ ଦୁଇଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା । ତେବେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

**Office of the Municipality, Kendrapara** C-3312

No. 1245 Date 01.03.2024

Notice inviting Quotation for Installation of 3 nos of Outdoor LED Display - Pixel Pitch 6-mm Smart Power Distribution Unit, LED Control System. Management Software with Cloud Publishing Live Streaming, Mechanical Structure for Mounting of LED Walls, Desktop PC Interface Device, Network Switch Auto Brightness Sensor, GSM Router of 12*8 square feet LED wall in Kendrapara Municipality area.

Kendrapara Municipality invites Request for Proposal (quotations) from reputed intending agencies/suppliers/bidders for "Installation of 3 nos of Outdoor LED Display - Pixel Pitch 6-mm, Smart Power Distribution Unit, LED Control System, Management Software with Cloud Publishing, Live Streaming, Mechanical Structure for Mounting of LED Walls, Desktop PC Interface Device, Network Switch , Auto Brightness Sensor, GSM Router of 12*8 square feet LED wall in Kendrapara Municipality area".

The Quotations must be submitted in closed double cover addressed to the "Executive Officer, Kendrapara Municipality , Kendrapara , Odisha, Pin 754211" with on or before Dt 13.03.2024 at 3.00 PM through Courier/Speed Post/ registered post.

The detailed quotation documents can be downloaded from district web portal https://kendrapara.nic.in/from Dt 02.03.2024 onwards. Authority reserves all rights to reject any or all quotations without assigning any reason there of.

Sd/- Executive Officer,
Kendrapara Municipality
OIPR-13185/11/0052/2324

C-3232

**OFFICE OF THE GENERAL MANAGER, WATCO DIVISION, BERHAMPUR**

e-mail:gmwatcobam@gmail.com / Ph No. 06802233978

Government of Odisha "e" Procurement Notice

NATIONAL COMPETITIVE BIDDING

Bid Identification No. WATCOBAM-23/2023-24 Dt. 27.02.2024

1. Name of work : Supply, Installation, testing & commissioning of Stand by V.T Pump Set (HT) 3.3 KV grade with all accessories for Janivilli Intake Well.
2. Estimated cost : Rs. 60.00 lakh (appox.)
3. Period completion : 03 (three) months .
4. Date & Time of availability of bid document in the Portal : From 11.00 Hrs.of Dt. 06.03.2024. to 17.30 Hrs. of Dt. 20.03.2024.
5. Last date / Time for Bidding in the Portal: 17.30 Hrs of Dt. 20.03.2024.
6. Date of opening of Tender: On Dt. 21.03.2024 at 11.00Hrs.
7. Name and address of the Officer inviting tender : General Manager, WATCO Division, Berhampur.

Further details can be seen from the e-procurement Portal: https://tendersodisha.gov.in

Sd/- General Manager,
WATCO Division, Berhampur
OIPR-13210/11/0003/2324

**'e' PROCUREMENT NOTICE NO.26/ 2023-24.** O-2733

1 Name of work. : Building Works
2. Total No. of Work. : 02(Two) works.
3. Estimated Cost. : Rs.82.22 lakhs to 86.80 Lakhs
4. Period of Completion. : 06(Six) Calendar Months.
5. Class of contractors. : 'B' Class only.

**Other details as follows :**

a) Procurement officer. : Superintending Engineer, Rural Works Division,Cuttack.
b) Availability of tender online for bidding : From dt.11.03.2024 at 11.00 Hours dt.l9.03.2024 up to 17.00 Hours.
c) Last date & time of seeking of tender clarification. : dt.18.03.2024 up to 17.00 Hours.
d) Date & Time of Opening Technical Bid : 20.03.2024 at 11.00 A.M.

Further details can be seen from the Govt, website www.tendersorissa.gov.in

Sd/- Superintending Engineer
Rural Works Division, Cuttack
OIPR-25053/11/0048/2324

A-1662

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
SUBARNAREKHA IRRIGATION DIVISION NO-II,
AT/PO: -DEULI, DIST: -MAYURBHANJ
PIN: -757021
Mail Id:-ee.sid2.deuli@gmail.com

Government of Odisha "e" PROCUREMENT NOTICE
Bid Identification No. 04/ 2023-24 of S.E, S.I DIVISION NO-II, DEULI

| | | |
|---|---|---|
| 1 | Name of Work | a. "Construction of Internal Concrete Road with Earthen Road from main road to house of Sri Tapan Si at village Belerisole Self-Rehabilitation Colony under Periphery Development Work." b. "Construction of Internal Concrete Road from existing CC road up to house of Sarada Si at village Pusigaon Self-Rehabilitation Colony under Periphery Development Work." c. "Construction of Cement Concrete road from Patrapur Chhaka to Overhead Tank in Sampuira Self-Rehabilitation Colony." d. "Construction of Cement Concrete road from Talasahi to Jambhirapal Community Centre |
| 2 | Estimated Cost for put to tender in Lakh | a. Rs. 7.42 Lakh b. Rs. 6.30 Lakh, c. Rs. 36.00 Lakh d. Rs. 28.33 Lakh, respectively |
| 3 | Bid Security/ E.M.D. | a. Rs. 7,500/- b. Rs. 6,400/- c. Rs. 36,100/- d. Rs. 28,400/- respectively |
| 4 | Period of Completion | 02 (Two) Calendar Months |
| 5 | Class of Contractor | 1."D" Class and "C" Class for Sl. No.1) a & 1) b 2."C" Class and "B" Class for Sl. No. 1) c & 1) d |
| 6 | Date & Time of availability of bid document in the portal | 07.03.2024 at 10:00 AM |
| 7 | Last date/time for receipt of bid in the portal | 16.03.2024 up to 5:00 PM |
| 8 | Opening of Technical Bid | 18.03.2024 at 11:30 AM |
| 9 | Name & Address of the O.I. T | Superintending Engineer, Subarnarekha Irrigation Division No-II, Deuli. |

Further details can be seen from the e-Procurement Portal "https://tendersodisha.gov.in".

Sd/- Superintending Engineer
S.I. Division No. II, Deuli
OIPR-32187/11/0006/2324



DSPL-787

# ବିକାଶ ଓ ଉନ୍ନତିର ଶିଖରରେ 'ଆମ ବସଷ୍ଟାଣ୍ଡ'

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା "ଆମ ବସ୍ ଷ୍ଟାଣ୍ଡ ସ୍କିମ୍" ଅଧୀନରେ ନୂତନ ବସ୍ଷ୍ଟାଣ୍ଡର ଉଦ୍ଘାଟନ

ରାଜ୍ୟରେ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଓଡିଶା ସରକାର 'ଆମ ବସଷ୍ଟାଣ୍ଡ' ଯୋଜନା ଅଧୀନରେ ରାଜ୍ୟର ପ୍ରତ୍ୟେକ ବ୍ଲକରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ନୂତନ ବସଷ୍ଟାଣ୍ଡ ଗୁଡିକ ଦ୍ୱାରା ରାଜ୍ୟରେ ଉନ୍ନତମାନର ଗଣପରିବହନ ସୁବିଧା ମିଳିବା ସଙ୍ଗେ ସଙ୍ଗେ ବ୍ୟବସାୟିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଯାହାଦ୍ୱାରା ଲୋକଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରିବ । ପ୍ରଥମ ପର୍ଯ୍ୟାୟରେ କେତୋଟି ନୂଆ ବସଷ୍ଟାଣ୍ଡ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଥିଲା ଏବଂ ଏବେ ଦ୍ୱିତୀୟ ପର୍ଯ୍ୟାୟରେ କିଛି ବସଷ୍ଟାଣ୍ଡ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଛି । ଏହାବ୍ୟତୀତ ନାଗରିକମାନଙ୍କର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ୫-ଟି ନିର୍ଦ୍ଦେଶାବଳୀକୁ ପାଳନ କରି ଏହି ନୂତନ ବସ୍ଷ୍ଟାଣ୍ଡ ଗୁଡିକୁ ଅତ୍ୟାଧୁନିକ ଭାବେ ନିର୍ମାଣ କରାଯାଇଛି ।

ଅନୁଗୁଳ ଜିଲ୍ଲାର କଣିହାଁ ଓ ପାଲଲହଡା ବ୍ଲକରେ ଦୁଇଟି ନୂତନ ବସ୍ଷ୍ଟାଣ୍ଡ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚ୍ୟୁଆଲ୍ ମୋଡରେ୍ ଉଦ୍ଘାଟନ ହୋଇସାରିଛି । ଏହିପରି ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ବାଲିଆପାଳ ବ୍ଲକ, ବୌଦ୍ଧ ଜିଲ୍ଲାର ହରଭଂଗା ବ୍ଲକ, ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ, ଗଜପତି ଜିଲ୍ଲାର ନୂଆପଡା ବ୍ଲକ, କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଓ ରାଜନଗର ବ୍ଲକ, କେନ୍ଦୁଝର ଜିଲ୍ଲାର ହରିଚନ୍ଦପୁର, ଆନନ୍ଦପୁର ଓ ସାହାରପଡା ବ୍ଲକ, କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ, ନୟାଗଡ ଜିଲ୍ଲାର ରଣପୁର ଓ ଖଣ୍ଡପଡ଼ା ବ୍ଲକ, ନୂଆପଡା ଜିଲ୍ଲାର ନୂଆପଡା ବ୍ଲକ, ରାୟଗଡା ଜିଲ୍ଲାର କୋଲନରା ଓ ମୁନିଗୁଡା ବ୍ଲକ, ସମ୍ବଲପୁର ଜିଲ୍ଲାର ଯୁଜୁମୁରା ବ୍ଲକ ଓ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକରେ କେତୋଟି ବସଷ୍ଟାଣ୍ଡର ଉଦ୍ଘାଟନ ହୋଇଛି । ବସ୍ଷ୍ଟାଣ୍ଡରେ ଏକ ଉତ୍ତମମାନ ପ୍ରଦାନ କରିବାକୁ, ଏହି ବସ୍ଷ୍ଟାଣ୍ଡର ରକ୍ଷଣାବେକ୍ଷଣ ଏବଂ ପରିଷ୍କାର ପରିଚ୍ଛନ୍ନତା ପାଇଁ FMS ଏଜେନ୍ସି ଗୁଡିକୁ ନିୟୋଜିତ କରାଯାଇଛି । ବସଷ୍ଟାଣ୍ଡ ଗୁଡିକର ବିକାଶ ଓ ଉନ୍ନତିକରଣ ହେଉଛି ସରକାରଙ୍କ ଏକ ପ୍ରମୁଖ ପ୍ରାୟୋଜିତ ପଦକ୍ଷେପ, ଯାତ୍ରୀମାନେ ସୁବିଧା ପାଇଁ ନିରାପଦ, ସୁରକ୍ଷିତ ଏବଂ ସୁସଂଯୋଜିତ ବସଷ୍ଟାଣ୍ଡ ଯାହା ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ସାଧାରଣ ପରିବହନ ଭିତ୍ତିଭୂମି ଦ୍ୱାରା ଅତିରିକ୍ତ ସୁବିଧା ସୁଯୋଗ ଯୋଗାଇପାରିବ ।

## 'ଆମ ବସ୍ଷ୍ଟାଣ୍ଡ'ର ସ୍ୱତନ୍ତ୍ରତା

- ସାର୍ବଜନୀନ ଅଭିଗମ୍ୟତା
- ଆରାମଦାୟକ ପ୍ରତୀକ୍ଷାଳୟ
- ସବୁଜ ଅଟ୍ଟାଳିକା ଅବଧାରଣା
- ସ୍ଥାନୀୟ ବ୍ୟବସାୟିକ ବିକାଶ



## ରାଜ୍ୟର ବ୍ଲକ ସବୁର ବସ୍ଷ୍ଟାଣ୍ଡ ଗୁଡିକ ନୂତନ ଭାବେ ତିଆରି ହେବ କିମ୍ବା ମରାମତି ହେଇ ଆମ ବସ୍ଷ୍ଟାଣ୍ଡ ସ୍କିମରେ କାର୍ଯ୍ୟକ୍ଷମ ହେବ ।



## ବର୍ତ୍ତମାନ ସୁଦ୍ଧା ୪୩ଟି ଆମ ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇସାରିଲାଣି





## ପରିଷ୍କାର ପରିଚ୍ଛନ୍ନତା ପାଇଁ FMS ଏଜେନ୍ସି ଗୁଡିକୁ ନିୟୋଜିତ କରାଯାଇଛି





## କାର୍ଯ୍ୟକ୍ଷମ ହୋଇଥିବା ଆମ ବସ୍ ଷ୍ଟାଣ୍ଡର ତାଲିକା

| କ୍ରମିକ ନଂ | ଜିଲ୍ଲା | ବ୍ଲକ | ବସଷ୍ଟାଣ୍ଡ ଅବସ୍ଥାନ |
|---|---|---|---|
| ୧ | ବାଲାଙ୍ଗୀର | ବାଙ୍ଗମୁଣ୍ଡା | ବାଙ୍ଗମୁଣ୍ଡା । |
| ୨ | ବଲାଙ୍ଗୀର | ଲୋଇସିଂହା | ଲୋଇସିଂହା । |
| ୩ | ବୌଦ୍ଧ | କଣ୍ଟାମାଳ | କଣ୍ଟାମାଳ । |
| ୪ | ଝାରସୁଗୁଡା | କୋଲାବିରା | କୋଲାବିରା । |
| ୫ | କଳାହାଣ୍ଡି | ଧର୍ମଗଡ | ଧର୍ମଗଡ । |
| ୬ | କଳାହାଣ୍ଡି | ଜୁନାଗର | ଜୁନାଗଡ । |
| ୭ | କେନ୍ଦ୍ରାପଡା | ଗରଦପୁର | ଗରଦପୁର । |
| ୮ | କୋରାପୁଟ | କୋଟପାଡ | କୋଟପାଡ । |
| ୯ | ନୟାଗଡ଼ | ଗଣିଆ | ଗଣିଆ । |
| ୧୦ | ସୁବର୍ଣ୍ଣପୁର | ବିନିକା | ବିନିକା । |
| ୧୧ | ସୁବର୍ଣ୍ଣପୁର | ଉଲୁଣ୍ଡା | ଉଲୁଣ୍ଡା । |
| ୧୨ | ଗଜପତି | ଆର.ଉଦୟଗିରି | ଆର ଉଦୟଗିରି । |
| ୧୩ | ଗଜପତି | ଗୁମ୍ମା | ଗୁମ୍ମା । |
| ୧୪ | କନ୍ଧମଳ | ଟିକାବାଲି | ଟିକବାଲି । |
| ୧୫ | କେନ୍ଦୁଝର | ମାର୍ଶାଘାଇ | ମାର୍ଶାଘାଇ । |
| ୧୬ | କେନ୍ଦ୍ରାପଡା | ଅଉଲ୍ | ଅଉଲ୍ । |
| ୧୭ | କେଉଁଝର | ଘଷିପୁରା | ଘଷିପୁରା । |
| ୧୮ | କେଉଁଝର | ଘଟଗାଁ | ଘଟଗାଁ । |
| ୧୯ | କେଉଁଝର | ତେଲକୋଇ | ତେଲକୋଇ । |
| ୨୦ | ମୟୂରଭଞ୍ଜ | ବେତନଟି | ବେତନଟି । |
| ୨୧ | ନବରଙ୍ଗପୁର | କୋଷାଗୁମୁଡା | କୋଷାଗୁମୁଡା । |
| ୨୨ | ନବରଙ୍ଗପୁର | ଡାବୁଗାଁ | ଡାବୁଗାଁ । |
| ୨୩ | ପୁରୀ | କାକଟପୁର | କାକଟପୁର । |
| ୨୪ | ଅନୁଗୁଳ | ଭୀମକୁଣ୍ଡ | ଭୀମକୁଣ୍ଡ । |
| ୨୫ | ଅନୁଗୁଳ | ପାଲଲହରା | ପାଲଲହରା । |
| ୨୬ | ବାଲେଶ୍ୱର | କଟୁପଦା | କଟୁପଡା । |
| ୨୭ | ବାଲେଶ୍ୱର | ଦେହୁର୍ଦା | ଦେହୁର୍ଦା । |
| ୨୮ | ବୌଦ୍ଧ | ପୁରୁଣା କଟକ | ପୁରୁଣା କଟକ । |
| ୨୯ | ଢ଼େଙ୍କାନାଳ | ନିଜିଘର | ନିଜିଘର । |
| ୩୦ | ଗଜପତି | ନୁଆଗଡ | ନୁଆଗଡ । |
| ୩୧ | କେନ୍ଦ୍ରାପଡା | ବାଘବୁଦା | ବାଘବୁଦା । |
| ୩୨ | କେନ୍ଦ୍ରାପଡା | ସାନବାଡା ଗୋପାଳପୁର | ସାନବାଡା ଗୋପାଳପୁର । |
| ୩୩ | କେଉଁଝର | ହରିଚନ୍ଦନପୁର | ହରିଚନ୍ଦନପୁର । |
| ୩୪ | କେଉଁଝର | ଆନନ୍ଦପୁର | ଆନନ୍ଦପୁର । |
| ୩୫ | କେଉଁଝର | ଗରାଣ୍ଡିଯୋଡି | ଗରାଣ୍ଡିଯୋଡି । |
| ୩୬ | କୋରାପୁଟ | କାକି | କାକି । |
| ୩୭ | ନୟାଗଡ଼ | ରଣପୁରଗଡ | ରଣପୁରଗଡ । |
| ୩୮ | ନୟାଗଡ଼ | ଖଣ୍ଡପଡା | ଖଣ୍ଡପଡା । |
| ୩୯ | ନୂଆପଡା | ରାଜପୁରା | ରାଜପୁରା । |
| ୪୦ | ରାୟଗଡା | କୋଲନାରା | କୋଲନାରା । |
| ୪୧ | ରାୟଗଡା | ମୁନିଗୁଡା | ମୁନିଗୁଡା । |
| ୪୨ | ସମ୍ୱଲପୁର | ଜୁଜୁମୁରା | ଜୁଜୁମୁରା । |
| ୪୩ | ସୁବର୍ଣ୍ଣପୁର | ଝାର୍କୁମୁଣ୍ଡା | ଝାର୍କୁମୁଣ୍ଡା । |



| ପ୍ରତ୍ୟେକ 'ଆମ ବସ୍ଷ୍ଟାଣ୍ଡ'ରେ ପ୍ରାପ୍ତ ସୁବିଧା ସୁଯୋଗ | 'ଆମ ବସ୍ଷ୍ଟାଣ୍ଡ'ରେ ଉପଲବ୍ଧ ଅନ୍ୟାନ୍ୟ ସୁବିଧା |
|---|---|
| କ୍ୟାଫ୍ଟେରିଆ | ସିସିଟିଭି କ୍ୟାମେରା |
| ଅଫିସ୍‌ରୁମ୍ | ଯାତ୍ରୀ ସୂଚନା ପ୍ରଣାଳୀ /ପାସ୍ ସିଷ୍ଟମ୍ |
| ଆରାମଦାୟକ ପ୍ରତୀକ୍ଷାଳୟ | ସବୁଜ ଅଟ୍ଟାଳିକା ଅବଧାରଣା |
| ବାରଣ୍ଡା | ବିଶ୍ୱସ୍ତରୀୟ ପ୍ରବେଶ ସୁବିଧା |
| କ୍ଲକ୍ ରୁମ୍ | ଇ.ଭି ଚାର୍ଜିଂ ଫେସିଲିଟି |
| ଶୌଚାଳୟ | ସ୍ଥାନୀୟ ବ୍ୟବସାୟିକ ବିକାଶ |
| ଟିକେଟ୍ କାଉଣ୍ଟର | ୨୪ x ୭ଘଣ୍ଟା ସେବା ସୁବିଧା |

**ଅଭିଯୋଗ ପଞ୍ଜିକରଣ ପାଇଁ ଯୋଗାଯୋଗ କରନ୍ତୁ**



ମୋ-୧୮୦୦-୩୪୫-୧୧୨୨

ଇମେଲ୍ : grievance@osrtc.org